ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 10 | 10 - 16 March 2024 | Sambalpur | Page- 8 | Invitation Price Rs.10

# ସମ୍ବଲପୁରରେ ପ୍ରଥମ ଥର ପାଇଁ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା





ସମ୍ବଲପୁର : ଏଠାରେ ପ୍ରଥମ ଥର ପାଇଁ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ମହାସମାରୋହରେ ପାଳିତ ହୋଇ ଯାଇଛି । ପାଞ୍ଚଦିନ ବ୍ୟାପୀ ଆୟୋଜିତ ଏହି ଯାତ୍ରା ଦେଖିବା ପାଇଁ ସହର ଓ ସହରର ଅପରପାର୍ଶ୍ୱ ଚାଉଁରପୁର ଅଞ୍ଚଳରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା । ସମ୍ବଲପୁର ସହର ମଥୁରା ନଗରୀ ହୋଇଥିବା ବେଳେ ମ୍ୟୁନିସିପାଲିଟି ଛକର ଗଙ୍ଗାଧର ମଣ୍ଡପ କଂସ ଦରବାର ହୋଇଥିଲା । ସହରର ଅପରପାର୍ଶ୍ୱରେ ଥିବା ଚାଉଁରପୁର ଗ୍ରାମ ଗୋପପୁର ହୋଇଥିଲା ଓ ସେଥିରେ ସେ ଅଞ୍ଚଳର ବାରଟିରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ । ମହାନଦୀ ଯମୁନା ହୋଇ ସେଥିରେ କୃଷ୍ଣଙ୍କର ନାବକେଳି ଓ କାଳୀୟ-ଦଳନ ହୋଇଥିଲା । କଂସ ଭୂମିକାରେ ଅଭିନୟ କରିଥିବା ଫଣୀନ୍ଦ୍ର ପଣ୍ଡା ତାଙ୍କର ସୈନ୍ୟ ବାହିନୀ ସହିତ ଏକ ହାତୀରେ ସହର ପରିକ୍ରମା କରିଥିଲେ । ସହରରେ ମୀନାବଜାର ସମେତ ଅନେକ ଅସ୍ଥାୟୀ ଦୋକାନ ଖୋଲିଥିଲା । ଏ ଅବସରରେ ଡକ୍ଟର ଶ୍ୟାମ ସୁନ୍ଦର ଧର ଓ ଡକ୍ଟର ସତ୍ୟନାରାୟଣ ଠାକୁରଙ୍କ ସଂପାଦନାରେ ଏକ ସ୍ମରଣିକା ମଧ ପ୍ରକାଶ ପାଇଛି ।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଏହି ଯାତ୍ରା ଉଦ୍‌ଘାଟନ କରିଥିବା ବେଳେ ଯାତ୍ରା କମିଟିର ସଭାପତି ବିଜେଡିର ଯୁବନେତା ସଞ୍ଜୟ ବାବୁ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ । ସାଧାରଣ ସଂପାଦକ ଗୁଣରଞ୍ଜନ ସାଲିମା ସ୍ୱାଗତ ଭାଷଣ ଦେଇଥିଲେ ।

ଘୁନୁଚରଣ ପାଢ଼ୀ, ଚୈତନ୍ୟ ନାୟକ, ସରୋଜ ରାୟଗୁରୁ, ସ୍ୱାଧୀନ ପଣ୍ଡା, ଅରୁଣ ସାହୁ, ଯୋଗେଶ ନନ୍ଦ, ଲଳିତ ବେବର୍ତ୍ତା, ସମୀର ସାହୁ, ସତ୍ୟନାରାୟଣ ସାହୁ, ସୌରୀ ନାରାୟଣ ପାଣିଗ୍ରାହୀ, ସଞ୍ଜୀବ ଦେହୁରୀ, ଓମ୍ ସାଇରାମ ପଣ୍ଡା, ସତ୍ୟବ୍ରତ ଡ଼ନସନା, ପ୍ରଜ୍ଞା ପୂଜାରୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅନ୍ନପୂର୍ଣ୍ଣା ମିଶ୍ର, ଶ୍ୱେତପଣ୍ଡା, ରେଖା ଗୁପ୍ତା ଓ ସୁରେଖା ସାହୁ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ବାବୁଲୁ ବାଗ୍ ସମ୍ବଲପୁରୀ ଭାଷାରେ ନାଟକର ସଂଳାପ ରଚନା କରିବା ସାଙ୍ଗକୁ ଏହାର ନିର୍ଦ୍ଦେଶନା ମଧ ଦେଇଥିଲେ ।



# ଏମ୍.ସି.ଏଲ୍ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ମହିଳା ଦିବସ' ପାଳିତ


















ସମ୍ବଲପୁର : ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏମ୍.ସି.ଏଲ୍‌ର ମହିଳା ସଙ୍ଗଠନ ପକ୍ଷରୁ ଆୟୋଜିତ ମହିଳା ଦିବସରେ ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ ବୋରାହ, ବିତ୍ତ ନିର୍ଦ୍ଦେଶକ ଏ.କେ ବେହୁରା ପ୍ରମୁଖ ମଧ ଉଦ୍‌ବୋଧନ ଦେଇଥିଲେ । ଆଇ.ଆଇ.ଏମ୍. ସମ୍ବଲପୁରର ସହକାରୀ ଅଧାପିକା ପଦ୍ମାବତୀ ଧିଲେନ ମଧ ଏଥିରେ ଉଦ୍‌ବୋଧନ ଦେଇଥିଲେ । ଜାଗୃତି ମହିଳା ମଣ୍ଡଳର ଉପ ସଭାନେତ୍ରୀ ସରିତା ପଟେଲ ଓ ରଶ୍ମୀ ବେହୁରା ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ବରପାଲିର ମାଷ୍ଟର ଓ୍ୱେଭର ସୁଲୋଚନା ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏନ୍.ଏଲ୍.ସି ଇଣ୍ଡିଆର ତଲାବିରା ପ୍ରୋଜେକ୍ଟ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ମଧ ପାଳିତ ହୋଇଯାଇଛି ।

ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଆୟୋଜିତ ମହିଳା ଦିବସରେ ଅଧାପିକା ଶ୍ରୀଲତା ସୂପକାର, ମୀନାକ୍ଷୀ ପୂଜାରୀ, ପଦ୍ମାଳୟା ପଟ୍ଟନାୟକ, ଡାକ୍ତର ଲକ୍ଷ୍ମୀନାରାୟଣ ରଥ, ଆଡ୍‌ଭୋକେଟ ଅଶୋକ କୁମାର ସେନାପତି ପ୍ରମୁଖ ଭାଷଣ ଦେଇଥିଲେ ।

ବସନ୍ତପୁର ସ୍ଥିତ ସି.ଆର.ପି.ଏଫ୍ ଗ୍ରୁପ୍ ସେଣ୍ଟରରେ ଆୟୋଜିତ ମହିଳା ଦିବସରେ ଡି.ଆଇ.ଜି ସଞ୍ଜୟ କୁମାର ଓ ଡେପୁଟୀ କମାଣ୍ଡେଣ୍ଟ ପ୍ରଦୀପ କୁମାର ଯୋଗ ଦେଇଥିଲେ । ଏହି ଅବସରରେ କେତେକ ଶହୀଦଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରାଯାଇଥିଲା ।

ସେହିପରି ସମ୍ବଲପୁର ରେଳ ମଣ୍ଡଳର ମହିଳା ସଙ୍ଗଠନ ପକ୍ଷରୁ ମଧ ମହିଳା ଦିବସ ପାଳିତ ହୋଇଥିଲା । ଏହି ଅବସରରେ ମହିଳା ରେଳ କର୍ମଚାରୀମାନଙ୍କ ମଧରେ ପ୍ରବନ୍ଧ ପ୍ରତିଯୋଗିତା ଓ ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିଲା । ଆୟୋଜିତ ଉତ୍ସବରେ ମଣ୍ଡଳ ରେଳ ପ୍ରବନ୍ଧ ତୁଷାରକାନ୍ତ ପାଣ୍ଡେ ଓ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଅତିଥି ରୂପେ ଯୋଗ ଦେଇଥିଲେ ।

## ଏ ସଂଖ୍ୟାରେ..


ଖରା ପାଇଁ କମଳା ଜୁସ୍


ସ୍ୱାସ୍ଥ୍ୟ ଉପଯୋଗୀ ପୋଦିନା ପତ୍ର


ଉପକାରୀ ଟମାଟୋ


ଖରାରେ ଶରୀରକୁ ଥଣ୍ଡା ରଖେ ପାନମଧୁରୀ


ଥଣ୍ଡା ପାଣି ପିଇବା କ୍ଷତିକାରକ


ଚେରୀର ଉପକାରିତା

# ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦେବାକୁ ଦାବି

ସମ୍ବଲପୁର: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଜୀବଦ୍ଦଶାରେ ଅନ୍ୟ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ମିଳିଛି । କିନ୍ତୁ ସ୍ୱର୍ଗତ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦେବାରେ କେନ୍ଦ୍ର ସରକାର ମାନଙ୍କ ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦେଶ ପ୍ରତି ବିଜୁ



ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନ ଥିବାରୁ ବର୍ତ୍ତମାନର କେନ୍ଦ୍ର ସରକାର ତାଙ୍କୁ ମରଣୋତ୍ତର ଭାରତ ରତ୍ନ ଉପାଧିରେ ଭୂଷିତ କରନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ଦାବି କରିଛନ୍ତି ।

ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ସଭାରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଜୁ ବାବୁଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ତାଙ୍କ ସହଯୋଗୀ ଭାବରେ କାର୍ଯ୍ୟ କରିବାର ଅନୁଭୂତି ବର୍ଣ୍ଣନା କରିଥିଲେ । ବିଜୁ ପଟ୍ଟନାୟକଙ୍କ ଭଳି ଜଣେ ରାଷ୍ଟ୍ରନୀତିଜ୍ଞଙ୍କୁ ଏପର୍ଯ୍ୟନ୍ତ ଭାରତ ରତ୍ନ ଦିଆ ନ ଯିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସେ ମତ ରଖିଥିଲେ ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସହ ତାଙ୍କର ସମ୍ପର୍କର ସ୍ମୃତିଚାରଣ କରି ତାଙ୍କୁ ଜଣେ ଅସାଧାରଣ ଦରଦୀ ନେତା ରୂପେ ଅଭିହିତ କରିଥିଲେ ।

ପ୍ରଫେସର ଶଙ୍କର ପ୍ରସାଦ ପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକ ସମାଜର ସବୁ ବର୍ଗରେ ଲୋକଙ୍କୁ ନେଇ କାମ କରିବା ସହ ଓଡ଼ିଶାକୁ ଭାରତବର୍ଷର ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସର୍ବଦା ଚେଷ୍ଟିତ ଥିଲେ ବୋଲି କହିଥିଲେ । ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅବସରପ୍ରାପ୍ତ ଅଧକ୍ଷା ଶ୍ରୀମତୀ ମୀନାକ୍ଷୀ ପୂଜାରୀ ଓ ଡାକ୍ତର ଲକ୍ଷ୍ମୀନାରାୟଣ ରଥ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ । ବରିଷ୍ଠ ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର ଓ ଅଶୋକ ସେନାପତି ପ୍ରମୁଖ ଏଥିରେ ଉଦବୋଧନ ଦେଇଥିବାବେଳେ ଶ୍ରୀମତୀ ତପସ୍ୱିନୀ ନେପାକ ବିଜୁ ବାବୁଙ୍କ ଉପରେ ଏକ ସ୍ୱରଚିତ କବିତା ପାଠ କରିଥିଲେ । ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତ ରତ୍ନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବାକୁ ସଭାରେ ଏକ ପ୍ରସ୍ତାବ ପାରିତ ହୋଇଥିଲା ।

ଏହି ଅବସରରେ ନାରୀ ଜାଗରଣ କେନ୍ଦ୍ର ଦ୍ୱାରା ପରିଚାଳିତ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅର୍ପିତା ମିଶ୍ର ପ୍ରଥମ, ପ୍ରାପ୍ତି ପ୍ରଜ୍ଞା ପ୍ରଧାନ ଦ୍ୱିତୀୟ, ସୃଷ୍ଟି ସାଗରିକା ବାବୁ ଓ ଲକି ଦୁବେ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଭା ଶେଷରେ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ସୁନୀଲ କୁମାର ମିଶ୍ର, ପ୍ରଦୀପ ଦୋରା, ପ୍ରବୀର ବହିଦାର, ପାର୍ଥସାରଥୀ ଦାନୀ, ପଦ୍ମାଳୟା ପଟ୍ଟନାୟକ, ସ୍ନିଗ୍ଧାଶ୍ରୀ ବହିଦାର, ରତ୍ନଭୂଷଣ ପୃଷେଠ୍ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

# ରାଜପୁରରେ ବିଏସକେୱାଇ କାର୍ଡ ବଣ୍ଟନ

ଝାରସୁଗୁଡ଼ା: ଝାରସୁଗୁଡ଼ା ବ୍ଲକ ରାଜପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ରାଜପୁର, ଲୋଇସିଂହ, ଚାନ୍ଦନୀମାଲ, ଗୌଡମାଲ ଓ କୁଦୋପାଲି ଗ୍ରାମପଞ୍ଚାୟତରେ ବିଏସକେୱାଇ ନବୀନ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି । ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭଜମୋହନ କିସାନ, ଯୋଗାଣ ନିରୀକ୍ଷକ ନିହାର ମହାପାତ୍ର, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହା ସରପଞ୍ଚ ସନାତନ ରୋହିଦାସ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌଡମାଲ ସରପଞ୍ଚ ରାଜକୁମାର ସାଏ, ଚାନ୍ଦିନୀମାଲ ସମିତି ସଭ୍ୟ ଯତୀନ ଦେଓ, ଗୌଡମାଲ ସମିତି ସଭ୍ୟା ପୁଷ୍ପା ଖଡ଼ିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବିନାରାୟଣ ମେହେର, ଓକିଲ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡ଼ିକର ଗ୍ରାମ ରୋଜଗାର ସେବକ ଏବଂ ଯୋଗାଣ ସହାୟକମାନେ ସହଯୋଗ କରିଥିଲେ । ବିଧାୟିକା ପ୍ରତିନିଧି ଗଣେଶ ରାମ ବାଗ ମଞ୍ଚ ପରିଚାଳନା କରିଥିଲେ ।

# ଇନସ୍ୟୁରାନ୍ସ ବିହୀନ ଗାଡ଼ି ମାଲିକ ଦେଲେ କ୍ଷତିପୂରଣ ରାଶି

## ସମ୍ବଲପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତରଫରୁ



ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୪ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲା ସମାଧାନ କରି ୧ କୋଟି ୧୯ ଲକ୍ଷ ୩୫ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ଦେବା ପାଇଁ ଆଦେଶ ଦେଇଥିଲେ । ୨୨ଟି ପରିବାର ସଂକ୍ରାନ୍ତୀୟ ମାମଲା ଓ ୧୦୫ଟି ଦେଓ୍ୱାନୀ, ୪୧୦ଟି ଫୌଜଦାରୀ ଓ ମୋକଦ୍ଦମାର ଫଇସଲା କରାଯାଇଛି । ୩୭ଟି ଏନଆଇ ଆକ୍ଟର ଫଇସଲା କରି ୪୦ ଲକ୍ଷ ୯୩ ହଜାର ୭୬୨ ଟଙ୍କା ଆଦାୟ ହୋଇଛି । ସେହିପରି ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୧୫୧ଟି ପ୍ରିଲିଟିଗେସନ କେଶର ଫଇସଲା କରି ୫୪ ଲକ୍ଷ ୬୪ ହଜାର ୪୬୪ ଟଙ୍କା ଆଦାୟ କରିଛନ୍ତି । ରାଜସ୍ୱ ବିଭାଗରେ ୪୦୫୫ଟି କେଶର ଫଇସଲା ହୋଇ ୨୧ ଲକ୍ଷ ୪୭ ହଜାର ୩୪.୫ ଟଙ୍କା ଆଦାୟ ହୋଇଛି । ଏଥିରେ ଜଣେ ଇନସ୍ୟୁରାନ୍ସ ବିହୀନ ଗାଡ଼ି ମାଲିକଙ୍କୁ କୋର୍ଟ କ୍ଷତିପୂରଣ ରାଶି ଦେବା ପାଇଁ ନିର୍ଦ୍ଦେଶ ଦେବା ଚର୍ଚ୍ଚାର ବିଷୟ ହୋଇଛି । କୁଚିଣ୍ଡା ଏବଂ ରେଢ଼ାଖୋଲ କୋର୍ଟରେ ତାଲୁକ୍ ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ସମ୍ବଲପୁରରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ସମ୍ବଲପୁର ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ହୋଇଥିଲା । ଏଥିରେ ଦ୍ୱିତୀୟ ଏମ୍‌ଏସିଟି ଜଜ୍ ଲୋକନାଥ ମହାପାତ୍ର, ଫ୍ୟାମିଲି କୋର୍ଟ ସମ୍ବଲପୁର ଜଜ୍ ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ବିଭିନ୍ନ ମୋଟରଯାନ ଜନିତ ଦୁର୍ଘଟଣା, ପରିବାର ସଂପର୍କୀୟ ମୋକଦ୍ଦମାର ସମାଧାନ କରିଥିଲେ । ସେହିପରି କୁଚିଣ୍ଡାରେ ତାଲୁକସ୍ତରରେ ଅତିରିକ୍ତ ଜିଲ୍ଲା ଜଜ୍ ରାଜ କିଶୋର ଲେଙ୍କା ଏବଂ ରେଢ଼ାଖୋଲରେ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧକ୍ଷତାରେ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ବଲପୁରର ସଚିବ ସୌମଦା ପ୍ରଧାନ ଏବଂ ଶୋଭେନ କାନୁନଗୋ ଏହାକୁ ପରିଚାଳନା କରିଥିଲେ ।

# ପବ୍ଲିକ୍ ଲାଇବ୍ରେରିରେ ବନମାଳୀ ବାବୁ ସ୍ମାରକୀ ବକ୍ତୃତା



ସମ୍ବଲପୁର : ଶିକ୍ଷାପ୍ରେମୀ ରାଜନେତା ବନମାଳୀ ବାବୁଙ୍କ ଜୟନ୍ତୀ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରଫେସର ସରୋଜ କୁମାର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ସମ୍ବଲପୁରୀ ଲୋକକଳା ବିଷୟରେ ଏକ ବିଶ୍ଳେଷଣାତ୍ମକ ଆଲୋଚନା କରିଥିଲେ । ସମ୍ବଲପୁରୀ ଭାଷାର ତାତ୍ୱିକ ଓ ଅନନ୍ୟ ଅବଦାନ ଉପରେ ଆଲୋଚନା କରି ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ଲୋକକଳା କିପରି ସମୃଦ୍ଧ ସେ ବିଷୟରେ ବିଭିନ୍ନ ଉଦାହରଣ ସହ ଆଲୋଚନା କରିଥିଲେ । ସଂଗଠନର ଯୁଗ୍ମ ସଂପାଦକ ରାଜେନ୍ଦ୍ର କୁମାର ପଣ୍ଡା ଶିକ୍ଷାପ୍ରେମୀ ବନମାଳୀ ବାବୁଙ୍କ ଜୀବନୀ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଉଲ୍ଲେଖଯୋଗ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ । ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ମୁଖ୍ୟଅତିଥି ଶ୍ରୀ ମହାନନ୍ଦଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଫେସର ପାଢ଼ୀ ବନମାଳୀ ବାବୁଙ୍କୁ ଜଣେ ଅସାଧାରଣ ବ୍ୟକ୍ତି ଭାବେ ବର୍ଣ୍ଣନା କରି ତାଙ୍କର ମେଧା ଶକ୍ତି ଓ ବିଚକ୍ଷଣ ନେତୃତ୍ୱ ଉପରେ ଆଲୋଚନା କରି ଥିଲେ । ଶେଷରେ ସଭ୍ୟ ସଂପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ପ୍ରଥମ ପର୍ଯ୍ୟାୟରେ ସହରର ୪ ଟି ରୁଟରେ ଗଡ଼ିଲା ମୋ ବସ

ସମ୍ବଲପୁର : ଅଇଁଠାପାଲି ବସଷ୍ଟାଣ୍ଡଠାରେ ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ବସ୍ ସେବାର ଉଦ୍‌ଘାଟନ କରିଛନ୍ତି । ଏଥିରେ ୯୦ ପ୍ରତିଶତ କଣ୍ଡକ୍ଟର ଭାବେ ମା'ମାନଙ୍କୁ ନିଯୁକ୍ତି ଦିଆଯାଇଛି । କମ୍ ଖର୍ଚ୍ଚରେ ନିରାପଦ ଯାତ୍ରା ଯୋଗାଇଦେବା ଏହାର ଲକ୍ଷ୍ୟ ।

ସମ୍ବଲପୁରରେ ପ୍ରଥମ ପର୍ଯ୍ୟାୟରେ ସହରର ୪ଟି ରୁଟ୍‌ରେ ୧୫ଟି ବସ ସେବା ଆରମ୍ଭ ହୋଇଛି । ଏଥିରେ ୧୦ଟି ନନ୍ ଏସି ଓ ୫ଟି ଏସି ରହିଛି । ଆଗାମୀ ଦିନରେ ଆହୁରି ମଧ ଅନ୍ୟ ରୁଟ୍‌ରେ ଚଳାଚଳ କରିବ । ବସ୍ ଗୁଡ଼ିକର ଲାଇଭ୍ ଟ୍ରାକିଂ ଏବଂ ରିଅଲ ଟାଇମ୍ ଅକ୍ୟୁପେନ୍ସିର ଦୃଶ୍ୟ ପାଇଁ ମୋ ବସ୍ ଆପ୍ ବ୍ୟବହାର କରାଯାଇ ପାରିବ । ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ବସରେ ସିସିଟିଭି ନଜର ରଖାଯାଇଛି ବୋଲି କ୍ରୁଟ୍ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଉପସ୍ଥିତ ଥିଲେ ।

ପ୍ରଥମ ରୁଟ୍ ନମ୍ବର ୨୦୦ । ଏହା ସିଟିରେଳ ଷ୍ଟେସନରୁ କ୍ଷେତରାଜପୁର ରେଳ ଷ୍ଟେସନ ମଧ୍ୟରେ ଚଳାଚଳ କରିବ । ବସ୍‌ଟି ସିଟି ରେଳ ଷ୍ଟେସନ ଛକ, ଶକ୍ତିପଡ଼ା, ଅମୃତବିହାର, ବିର୍ସା ମୁଣ୍ଡା ଛକ, ଅଇଁଠାପାଲି ଛକ, ପିଏଚ୍‌ଡି କ୍ଷେତ୍ର, ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ଏଲଆଇସି କାର୍ଯ୍ୟାଳୟ, ଏସ୍‌ଆର୍‌ଆଇଟି କଲୋନି, ବୁଢ଼ାରାଜା ମନ୍ଦିର, ସାଇ ମନ୍ଦିର, ରିଲାଏନ୍ସ ସ୍ମାର୍ଟ, ଜିଏମ୍ ବିଶ୍ୱବିଦ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପାଣି ଟାଙ୍କି ଛକ, ଓଏସଆରଟିସି ଡିପୋ, ସିଟି ସେଣ୍ଟାର ମଲ, ଚେରୁପଡ଼ା ଛକ, ଜେଏଲଏନ ରୋଡ ଛକରେ ରହିବ । ଦ୍ୱିତୀୟ ରୁଟ୍ ନମ୍ବର ୨୦୧ । ଏହା ଅଇଁଠାପାଲି ବସ୍ ଟର୍ମିନାଲରୁ ସାହାଜବାହାଲ ମଧ୍ୟରେ ଚାଲିବ । ବରେଇପାଲି, ରେମେଡ଼୍ ଛକ, ଲକ୍ଷ୍ମୀ ଡୁଙ୍ଗୁରି ଛକ, ପିସି ବ୍ରିଜ୍ ଛକ, ଏମସିଏଲ ଛକ, ହୀରାକୁଦ ରେଳ ଷ୍ଟେସନ, ଗୋଲଗୁଣ୍ଡା ଗ୍ରାମରୋଡ଼, ଏ.କଟାପାଲି, ବୈଜାମୁଣ୍ଡା, ସମ୍ବଲପୁର ଡେଏରୀ, ଜେଏନଭି ଗୋଶାଳା, ଗୋଶାଳା ମାର୍କେଟ, ଜିସି ସିଆରପିଏଫ୍ ଓ ପୁଲିସ ପ୍ରଶିକ୍ଷଣ କେନ୍ଦ୍ର ବସନ୍ତପୁରରେ ରହିବ । ତୃତୀୟ ରୁଟ୍ ନମ୍ବର ୨୦୨ । ଏହା ଅଇଁଠାପାଲି ବସ୍ ଟର୍ମିନାଲରୁ ବୁର୍ଲା ବସଷ୍ଟାଣ୍ଡ ମଧ୍ୟରେ ଚାଲିବ । ଅଇଁଠାପାଲି ଛକ, ବିର୍ସା ମୁଣ୍ଡା ଛକ ଅଇଁଠାପାଲି, ପିଏଚ୍‌ଡି କ୍ଷେତ୍ର, ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ଏଲଆଇସି କାର୍ଯ୍ୟାଳୟ, ଏସଆରଆଇଟି କଲୋନି, ବୁଢ଼ାରାଜା ମନ୍ଦିର, ସାଇ ମନ୍ଦିର, ରିଲାଏନ୍ସ ସ୍ମାର୍ଟ, ଜିଏମ୍ ବିଶ୍ୱବିଦ୍ୟାଳୟ, ଡିଆଇଜି ଅଫିସ, ଲକ୍ଷ୍ମୀ ଟକିଜ୍, ଗୋଲ ବଜାର, ମୁଖ୍ୟ ଡାକଘର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଅଦାଲତ, ଡିଇଓ ସମ୍ବଲପୁର, ବଜାରପଡ଼ା, ହାଟପଡ଼ା ଦୁର୍ଗା ମଣ୍ଡପ, ନନ୍ଦପଡ଼ା, ଟ୍ରାଫିକ୍ ପାର୍କ, ସମଲେଶ୍ୱରୀ ମନ୍ଦିର, ବଡ଼ବଜାର, ଶିଶୁ ପାର୍କ, କ୍ଷେତରାଜପୁର ଥାନା, ସମଲେଶ୍ୱରୀ କଲେଜ, ଦୁର୍ଗାପାଲି, ଏସ୍‌ଏମ୍‌ସି ରୋଡ଼, ଲକ୍ଷ୍ମୀ ଡୁଙ୍ଗୁରି ଛକ, ପିସି ବ୍ରିଜ୍ ଛକ, ଏମସିଏଲ ଆନନ୍ଦ ବିହାର, ଭିଏସଏସୟୁଟି, କିର୍ବା ଛକ, ସୌରଭ ବିହାର, ମେଡିକାଲ ଛକ ବୁର୍ଲା, ଗାର୍ଗୀ ଲେଡିଜ୍ ହଷ୍ଟେଲ, ଗଙ୍ଗାଧର ମେହେର ଛକ ଓ ବୁର୍ଲା ହସ୍ପିଟାଲ ବଡାକ୍ ଗେଟ୍ ପର୍ଯ୍ୟନ୍ତ ଚାଲିବ । ଚତୁର୍ଥ ରୁଟ୍ ନମ୍ବର ୨୦୩ । ଏହା ଅଇଁଠାପାଲି ବସ୍ ଟର୍ମିନାଲରୁ ହୀରାକୁଦ ଡ୍ୟାମ ମଧ୍ୟରେ ଚାଲିବ । ଏହି ବସ ବରେଇପାଲି, ରେମେଡ଼୍ ଛକ, ଭଙ୍ଗାମୁଣ୍ଡା, ଲରପଙ୍କ, ହୀରାକୁଦ କଲେଜ, ନାରାଡିହି, ଶକ୍ତିନଗର ହୀରାକୁଦ, ଝଙ୍କରପଡ଼ା, ହିଲ୍, ହୀରାକୁଦ ଥାନା, ହିଣ୍ଡାଲକୋ ଛକ, ହୀରାକୁଦ ସ୍କୁଲ, ଭିଏସ୍‌ଏସ୍ ଛକ, ସମଲେଶ୍ୱରୀ ମନ୍ଦିର, ଏସ୍‌ଏସ୍‌ଭିଏମ୍ ହୀରାକୁଦ ଛକରେ ରହିବା ନେଇ କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରାଚ୍ୟ ଗ୍ରନ୍ଥଗୁଡିକରେ ବିଜ୍ଞାନ

ଅନନ୍ତର ଜିଜ୍ଞାସା ହେଉଛି ବିଜ୍ଞାନ । ଆଦିମ ମନୁଷ୍ୟମାନେ ମଧ ଜିଜ୍ଞାସୁ ଥିଲେ । କାହିଁକି, କ'ଣ, କିଏ ଓ କେଉଁଠି ଭଳି ପ୍ରଶ୍ନଗୁଡ଼ିକ ଆଧୁନିକ ବିଜ୍ଞାନର ଦାନ ନୁହେଁ । ବୈଜ୍ଞାନିକ ପ୍ରଶ୍ନକୁଳତାର ସୁଦୀର୍ଘ ପରଂପରା ଅଛି । ଯଜୁର୍ବେଦରେ 'ପ୍ରଶ୍ନଗୁଡ଼ିକୁ' ଦେବତା କୁହାଯାଇଛି । ବୈଦିକ ସମାଜ ଜିଜ୍ଞାସୁ ଥିଲା । ଋଗ୍‌ବେଦ ବିଶ୍ୱର ପ୍ରାଚୀନତମ ଜ୍ଞାନକୋଷ । ଏଥିରେ ଜିଜ୍ଞାସା ରହିଛି । ଯେ "ମରୁତ୍-ବାୟୁ କେଉଁ ଶକ୍ତି ଦ୍ୱାରା ବର୍ଷା କରନ୍ତି ଏବଂ କେଉଁ ଦେଶରୁ ଆସନ୍ତି ? ସୂର୍ଯ୍ୟ ଭୌତିକ ସତ୍ୟ । ଜିଜ୍ଞାସା ହେଉଛି – "ସେ ରାତ୍ରିରେ କେଉଁ କ୍ଷେତ୍ରକୁ ପ୍ରକାଶିତ କରନ୍ତି ? ମଜାର ପ୍ରଶ୍ନ ହେଲା- "ସୂର୍ଯ୍ୟ କାହିଁକି ତଳକୁ ଖସନ୍ତି ନାହିଁ ?

ଆଧୁନିକ ବିଜ୍ଞାନ ଅନେକ ସୌରମଣ୍ଡଳ ବିଷୟରେ ଜାଣି ଲାଣି । ଋଗ୍ ବେଦର ଋଷିଙ୍କ ଜିଜ୍ଞାସା ଥିଲା- 'କେତୋଟି ସୂର୍ଯ୍ୟ ଓ କେତୋଟି ସାଗର ଅଛି ? ସଂସାରର ସୃଜେତା ଦେବତାଙ୍କ ନାମ ବିଶ୍ୱକର୍ମା ଥିଲା ଋଷିଙ୍କ ପ୍ରଶ୍ନ ହେଲା- "ସଂସାର ଯଦି ନ ଥିଲା, ତେବେ ବିଶ୍ୱକର୍ମା କେଉଁଠି ବସି ସଂସାର ନିର୍ମାଣ କଲେ ? ସେ ସୃଷ୍ଟି ନିର୍ମାଣର ସାମଗ୍ରୀ କେଉଁଠାରୁ ଆଣିଲେ ? ଏଠାରେ ଆସ୍ଥାକୁ ସିଧା ଆହ୍ୱାନ କରାଯାଇଛି ।

ଏପରି ଅସଂଖ୍ୟ ପ୍ରଶ୍ନ ଋଗବେଦରେ ଅଛି । ଏହା କ'ଣ ବୈଜ୍ଞାନିକ ନୁହେଁ ? ବିଜ୍ଞାନ ଭୌତିକ ଓ ଖଗୋଳର ହିଁ ଅଧ୍ୟୟନ । ବିଜ୍ଞାନର ଜନ୍ମ ଓ ବିକାଶ ଏପରି ହିଁ ପ୍ରଶ୍ନକୁଳ ଜିଜ୍ଞାସାରୁ ହୋଇଛି । ଋଗ୍‌ବେଦରେ ମାନବ ଚିନ୍ତନର ପ୍ରାଚୀନତମ ଅବସ୍ଥାରେ ଦର୍ଶନ ଓ ବିଜ୍ଞାନର ଜନ୍ମ ଏବଂ ବିଶ୍ୱାସ ଦେଖାଯାଇପାରେ, କିନ୍ତୁ ପ୍ରାଚୀନ ବିଜ୍ଞାନ ଶବ୍ଦର ନାମ ଶୁଣିଲେ ଭାରତର କିଛି ତଥାକଥିତ ବିଦ୍ୱାନ୍ ଚିଡ଼ିଯାଆନ୍ତି ।

ଭାରତୀୟ ବିଜ୍ଞାନ କଂଗ୍ରେସରେ ପ୍ରାଚୀନ ବିଜ୍ଞାନ ଉପରେ କିଛି ଲେଖା ପଢ଼ାଗଲା । କେତେକ ବିଦ୍ୱାନ୍ ପ୍ରାଚୀନ ବିମାନଶାସ୍ତ୍ର ଉପରେ ନିଜର ମତ ରଖିଲେ । ବିମାନ ଶାସ୍ତ୍ର ପ୍ରାଚୀନ ନୁହେଁ । ଏହା ବିଂଶ ଶତାବ୍ଦୀର । ଆୟୁର୍ବିଜ୍ଞାନ ଉପରେ ରଖାଯାଇଥିବା ମତରେ ସୁଶ୍ରୁତଙ୍କର ଉଲ୍ଲେଖ ଅଛି । ନିଃସନ୍ଦେହ ଏହା ପ୍ରାଚୀନ ବିଜ୍ଞାନ ।

ଚରକ ସଂହିତା ମଧ ପ୍ରାଚୀନ ଆୟୁର୍ବିଜ୍ଞାନ । ଏଥିରେ ଆତ୍ମାକୁ ଦ୍ରବ୍ୟ ବୋଲି କୁହାଯାଇଛି । ନିଃସନ୍ଦେହ ଆଧୁନିକ ଚିକିତ୍ସା ବିଜ୍ଞାନ ଶିଖର ପର୍ଯ୍ୟନ୍ତ ଉନ୍ନତି କରିଛି, କିନ୍ତୁ ମୂଳକୁ ଯାଇ ଦେଖିବା ଓ ତାହାକୁ ପରୀକ୍ଷା କରିବା ଅବୈଜ୍ଞାନିକ ହୋଇ ନପାରେ । ଋଗବେଦରେ ବିଶ୍ଳାର ଗୋଡ଼ ଭାଙ୍ଗିବା ଓ କୃତ୍ରିମ ଗୋଡ଼ ଲଗାଇବାର ଉଲ୍ଲେଖ ଅଛି । ଅଥର୍ବ ବେଦରେ ଧଳା ବାଳଗୁଡ଼ିକୁ କଳା କରିବାର ଔଷଧ ଖୋଜିବାର ଉଲ୍ଲେଖ ଅଛି । ଏହା କ'ଣ ଆଧୁନିକ ବୈଜ୍ଞାନିକ ପ୍ରୟାସ ଠାରୁ କମ୍ ଭାରତୀୟ କାବ୍ୟରେ ଆକାଶ ମାର୍ଗ ଓ ବିମାନଗୁଡ଼ିକର ଉଲ୍ଲେଖ ଅଛି । ବିମାନର କଳ୍ପନା ପାଇଁ ବି ବୈଜ୍ଞାନିକ ଚିତ୍ତ ଆବଶ୍ୟକ । ବିମାନ ଥିଲା ଅଥବା ନ ଥିଲା- ଏହା ଗବେଷଣାର, ଇତିହାସ ଓ ପୁରାତତ୍ତ୍ୱର ବିଷୟ ଏବଂ ଯେଉଁଠି ପୁରାତତ୍ତ୍ୱ ଉପଲବ୍ଧ ହୁଏ ନାହିଁ ସେଠାରେ ଏହା ଭାଷା ବିଜ୍ଞାନ ଓ ସାହିତ୍ୟର ବିଷୟ ମଧ ହୋଇଥାଏ ।

ପ୍ରାଚୀନ ଭାରତ ଅନ୍ଧବିଶ୍ୱାସୀ ନ ଥିଲା । ଋଗ୍‌ବେଦରେ ପ୍ରକୃତି ଭିତରେ ଏକ ସାରଭୂତ ନିୟମ ବ୍ୟବସ୍ଥାର ଉଲ୍ଲେଖ ଅଛି । ଡା. ରାମକୃଷ୍ଣନଙ୍କ ଅନୁସାର ଈଶ୍ୱର ମଧ ପ୍ରାକୃତିକ ସମ୍ବିଧାନରେ ହସ୍ତକ୍ଷେପ କରି ନଥାନ୍ତି । ପ୍ରାଚୀନ ବିଜ୍ଞାନରେ ସୃଷ୍ଟିର ଗୋଚର ପ୍ରପଞ୍ଚଗୁଡ଼ିକର ଗହନ ଜିଜ୍ଞାସା ଥିଲା । ତୈତ୍ତରୀୟ ଉପନିଷଦ୍ (ଉତ୍ତର ବୈଦିକ ଯୁଗ)ରେ ଭୃଗୁଙ୍କୁ ତାଙ୍କ ପିତା କହିଥିଲେ ଯେ ଅନ୍ନ ହିଁ ସଂପୂର୍ଣ୍ଣତା । ଅନ୍ନରୁ ପ୍ରାଣ ସୃଷ୍ଟି ହୋଇଥାଏ ।

ଏଠାରେ ମଧ କୌଣସି ଅନ୍ଧବିଶ୍ୱାସ ନାହିଁ । ଆଗକୁ କୁହାଯାଇଛି ଯେ ମନ ହିଁ ସବୁ କିଛି ଏବଂ ପୁଣି କୁହାଯାଇଛି ବିଜ୍ଞାନ ହିଁ ସବୁ କିଛି । ବିଜ୍ଞାନରୁ ହିଁ ପ୍ରାଣୀମାନେ ଜନ୍ମ ନିଅନ୍ତି , ଜୀବିତ ରହନ୍ତି ଓ ବିଜ୍ଞାନରେ ହିଁ ସମାହିତ ହୋଇଯାନ୍ତି । ଏଠାରେ ବିଜ୍ଞାନ ଶିଖର ଅଟେ । ବିଜ୍ଞାନ ଅର୍ଥାତ୍ ପ୍ରକୃତିର ଅକାଟ୍ୟ ନିୟମ ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

# ବ୍ୟକ୍ତିତ୍ୱର ଆଧାର ହେଉଛି ବ୍ୟବହାର

ଆମ ଜୀବନର ତିନିଟି ମହତ୍ତ୍ୱପୂର୍ଣ୍ଣ ଆୟାମ ହେଲା ଚିନ୍ତନ, ଚରିତ୍ର ଓ ବ୍ୟବହାର । ଏହି ତିନିଟି ମଧ୍ୟରୁ ବ୍ୟବହାର ଏପରି ଏକ ବିଶିଷ୍ଟ ଆୟାମ, ଯାହା ମାଧ୍ୟମରେ ଆମର ଚିନ୍ତନ ଓ ଚରିତ୍ର ଅର୍ଥାତ୍ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ଅଭିବ୍ୟକ୍ତ ହୋଇଥାଏ । ମନ-ମସ୍ତିଷ୍କରେ ଉଠୁଥିବା କଳ୍ପନା, ଭାବନା, ବିଚାର ଆଦି ଆମର ଚିନ୍ତନ କ୍ଷେତ୍ରର ନିର୍ମାଣ କରିଥାଏ । ଏହିପରି ଆମର ଭାବନାଗୁଡ଼ିକରେ ମିଶି ରହିଥିବା ଆସ୍ଥା, ବିଶ୍ୱାସ, ରୁଚି, ପ୍ରବୃତ୍ତି ଓ ସଂସ୍କାର ଆଦି ମିଶି ଚରିତ୍ରକୁ ଆକାର ଦେଇଥାନ୍ତି, ପରନ୍ତୁ ଏହି ଦୁଇଟିର ବାହ୍ୟ ଜଗତ୍‌ରେ ଅଭିବ୍ୟକ୍ତିର ଆଧାର ଆମର ବ୍ୟବହାର ହିଁ ହୋଇଥାଏ । ବ୍ୟବହାରରେ ଉକ୍ତ ଦୁଇ ପକ୍ଷ- ଚିନ୍ତନ ଓ ଚରିତ୍ର ସମାହିତ ହୋଇ ସମାଜରେ ଆମର ବ୍ୟକ୍ତିତ୍ୱକୁ ଗୋଟିଏ ନୂତନ ପରିଚୟ ଦେଇଥାଏ । ଜୀବନର ସର୍ବାଙ୍ଗୀଣ ବିକାଶ ଏବଂ ସଫଳତାରେ ଚିନ୍ତନ ଓ ଚରିତ୍ର ନିର୍ମାଣର ଯେତିକି ଆବଶ୍ୟକତା ରହିଛି, ସେତିକି ମହତ୍ତ୍ୱ ବ୍ୟବହାର ପରିଷ୍କାର ଓ ପରିଶୋଧନର ମଧ ଅଛି ।

ବ୍ୟବହାରରେ କୁଶଳତା, ସରଳତା, ଶାଳୀନତା ଓ ପବିତ୍ରତାକୁ ସାମାଜିକ ଦୃଷ୍ଟିରୁ ଏକ ଉଚ୍ଚସ୍ତରୀୟ ଜୀବନର ମୂଲ୍ୟ ତଥା ଆଧାତ୍ମିକ ଦୃଷ୍ଟିରୁ ସମସ୍ତ ସାଧନାର ମୂଳ ଆଧାର ବୋଲି ମାନି ନିଆଯାଇଛି । 'ଶାଳୀନତା ବିନା ମୂଲ୍ୟରେ ମିଳିଥାଏ, କିନ୍ତୁ ତଦ୍ୱାରା ସବୁ କିଛି କ୍ରୟ କରାଯାଇପାରେ, ଅର୍ଥାତ୍ ବ୍ୟବହାରର ସୌମ୍ୟତା, ସରଳତା ଓ ମଧୁରତା ଦ୍ୱାରା ବ୍ୟକ୍ତି ମନୋବାଞ୍ଛିତ ସଫଳତା ଓ କାର୍ଯ୍ୟସିଦ୍ଧି କରିପାରେ ।

ଅଧାତ୍ମ କ୍ଷେତ୍ର ହେଉ ଅଥବା ସମାଜ, ଉଭୟ ପାଇଁ ଉତ୍ତମ ଆଚରଣ ଓ ବ୍ୟବହାର କୁଶଳତାର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଯଦ୍ୟପି ତାତ୍ତ୍ୱିକ ଦୃଷ୍ଟିରୁ ଅଧାତ୍ମ କ୍ଷେତ୍ରରେ ବ୍ୟକ୍ତିର ସଂସ୍କାରକୁ ପ୍ରମୁଖତା ଦିଆଯାଏ, ତ ସମାଜରେ ବ୍ୟକ୍ତିର ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଇଥାଏ, ଅଧାତ୍ମ ସଂସ୍କାର ଦେଖିଥାଏ ଓ ସମାଜ ବ୍ୟବହାର, ତଥାପି ସଂସ୍କାର ଓ ବ୍ୟବହାରରେ ଗଭୀର ଅନ୍ତର୍ସମ୍ବନ୍ଧ ରହିଥାଏ ।

ଉତ୍ତମ ସଂସ୍କାର, ଉତ୍ତମ ଚରିତ୍ର ଯୁକ୍ତ ବ୍ୟକ୍ତିତ୍ୱର ବ୍ୟବହାର ମଧ ଉତ୍ତମ ହିଁ ହୋଇଥାଏ, କିନ୍ତୁ ଖରାପ ସଂସ୍କାର, ନିକୃଷ୍ଟ ଚରିତ୍ର ଯୁକ୍ତ ବ୍ୟକ୍ତିତ୍ୱର ବ୍ୟବହାର ଓ ଆଚରଣ ସର୍ବଦା ନିକୃଷ୍ଟ ହୋଇଥାଏ ଏବଂ ସଂକୀର୍ଣ୍ଣତାକୁ ଉଜାଗର କରିଥାଏ । ଚରିତ୍ରହୀନ ବ୍ୟକ୍ତି କୌଣସି ସ୍ୱାର୍ଥ ଅଥବା ଚାପ ବା ନୈତିକ-ସାମାଜିକ ଭୟରୁ କିଛି ସମୟ ପାଇଁ ଉତ୍ତମ ବ୍ୟବହାରର ଖୋଳ ଓଢ଼େଇ ହୋଇଥାଉ ପଛେ, କିଛି ଦିନ ପରେ ତା'ର ଅସଲ ଚରିତ୍ର ପଦାରେ ପଡ଼ିଯାଏ ।

ଏଣୁ ନିଜ ଭିତରେ ଉତ୍ତମ ଆଚରଣ ଓ ବ୍ୟବହାର କୁଶଳତାର ଆକାଂକ୍ଷା ପୂର୍ତ୍ତି ହେତୁ ବ୍ୟକ୍ତିତ୍ୱକୁ ଉତ୍ତମ ସଂସ୍କାର ଓ ଚରିତ୍ର ଆଧାରରେ ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି । ଆନ୍ତରିକ ବ୍ୟକ୍ତିତ୍ୱରେ ଉତ୍କୃଷ୍ଟତା ଓ ସରଳତା ଆସିବା ପରେ ବ୍ୟବହାର ଆପେ ଆପେ ପରିଷ୍କୃତ ଓ ମଧୁର ହେବାରେ ଲାଗେ । ଆମର ବ୍ୟବହାର ହିଁ ସମାଜରେ ଆମର ଜୀବନ ଓ ବ୍ୟକ୍ତିତ୍ୱକୁ ଏକ ବିଶିଷ୍ଟ ପରିଚୟ ପ୍ରଦାନ କରିଥାଏ । ବ୍ୟବହାରର ବିଶିଷ୍ଟତା ହିଁ ଆମକୁ ଅନ୍ୟମାନଙ୍କ ଠାରୁ ଅଲଗା ଏବଂ ବିଶିଷ୍ଟ କରିଥାଏ ତଥା ସଫଳତା ଓ ଅସଫଳତାର କାରଣ ହୋଇଥାଏ । ଏହି କାରଣରୁ ସଂସାରରେ ଯେବେ ବି, ଯେଉଁଠି ବି କୌଣସି ସଭ୍ୟତା ଓ ସଂସ୍କୃତି ଜୀବନ ପଦ୍ଧତିର ନିର୍ମାଣ କରିଛି ତ ମାନବୀୟ ବ୍ୟବହାରକୁ ତାହାର ସବୁଠାରୁ ପ୍ରମୁଖ ଅଙ୍ଗ ମାନିଛି ।

ବ୍ୟବହାରର ନିୟନ୍ତ୍ରଣ, ପ୍ରବନ୍ଧନ, କୁଶଳତା ଓ ବିକାଶର ଜୀବନ ସୂତ୍ର ବିଶ୍ୱର ସମସ୍ତ ମହାନ୍ ସଂସ୍କୃତିରେ ବିଛାଇ ହୋଇ ପଡ଼ିଛି । ପାଶ୍ଚାତ୍ୟ ଜଗତ୍‌ର ତ ସମଗ୍ର ନୈତିକତାର କ୍ଷେତ୍ର ଓ ଜୀବନର ମନୋବୈଜ୍ଞାନି ବ୍ୟାଖ୍ୟାଗୁଡ଼ିକ, ମାନବୀୟ ଆଚରଣ ଏବଂ ବ୍ୟବହାରର ପୃଷ୍ଠଭୂମି ଉପରେ ଠିଆ ହୋଇଛି ।

ଆମର ଏଠାରେ ପ୍ରାଚୀନ କାଳରୁ ହିଁ ଶୁଦ୍ଧ, ସରଳ ଓ ମଧୁର ବ୍ୟବହାରର କଷଟି ଜୀବନ ନିର୍ମାଣର ପ୍ରାଥମିକ ଅନିବାର୍ଯ୍ୟତା ରୂପେ ରହି ଆସିଛି । ଭାରତୀୟ ଶାସ୍ତ୍ର ଓ ଜୀବନ ସିଦ୍ଧାନ୍ତଗୁଡ଼ିକରେ ସ୍ଥାନେ ସ୍ଥାନେ ମାନବୀୟ ଆଚରଣର ପରିଷ୍କାର ଓ ବିକାଶର ଜୀବନ ସୂତ୍ର ଗଚ୍ଛିତ ଅଛି ।

ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ ବେଦରେ ଆମର ଋଷିମାନେ ଆତ୍ମବିଦ୍ୟା, ବ୍ରହ୍ମବିଦ୍ୟା ସଙ୍ଗେ ସଙ୍ଗେ ମଧୁବିଦ୍ୟାକୁ ମଧ ମହତ୍ତ୍ୱପୂର୍ଣ୍ଣ ମାନିଛନ୍ତି । ମଧୁବିଦ୍ୟାର ସିଧା ସମ୍ବନ୍ଧ ମଧୁର ବ୍ୟବହାର ଓ ଆଚରଣ ସହିତ ରହିଛି । ବେଦରେ ମଧୁରତା ବିଦ୍ୟା ରୂପରେ ଏହାର ପ୍ରତିଷ୍ଠା ରହିଛି । ଏହି ବିଦ୍ୟାର ସାର ହେଲା- ସ୍ୱୟଂକୁ ମଧୁର କରିବା ଏବଂ ଅନ୍ୟମାନଙ୍କ ମଧରେ ମଧୁରତାର ବିସ୍ତାର କରିବା ।

ମନ୍ତ୍ରଗୁଡ଼ିକରେ ଉପଦେଶ ଦିଆଯାଇଛି ଯେ ପ୍ରକୃତିର ସମସ୍ତ ତତ୍ତ୍ୱ ମଧୁରତା ପ୍ରଦାନ କରିଥାଏ ଏବଂ ଜୀବନରେ ମଧୁରତା ଦେଇଥାଏ, ତା' ଭିତରେ କେଉଁଠି ବି ରାଗ- ଦ୍ୱେଷ ଓ ଘୃଣା ନାହିଁ । ବ୍ୟକ୍ତି, ସମାଜ ଓ ରାଷ୍ଟ୍ର-ସମସ୍ତେ ପ୍ରେମ, ସୁଖ ଓ ଶାନ୍ତି ଚାହିଁଥାନ୍ତି ।

ସୁଖ ଓ ଶାନ୍ତିର ସବୁଠାରୁ ସରଳ ଉପାୟ ହେଲା ଜୀବନରେ ରାଗ-ଦ୍ୱେଷ, ହିଂସା-କ୍ରୁରତା, ସ୍ୱାର୍ଥ-ଅହଂକାର ଆଦିର ପରିତ୍ୟାଗ କରି ମାଧୁର୍ଯ୍ୟ ଆଣିବା । ବ୍ୟବହାରର ମଧୁରତା ଦ୍ୱାରା ପ୍ରେମ, ମିତ୍ରତା, ସହାନୁଭୂତି ଓ ଆତ୍ମୀୟତା ଭଳି ଉଚ୍ଚସ୍ତରୀୟ ବ୍ୟକ୍ତିତ୍ୱର ଗୁଣ ଜାଗ୍ରତ ଏବଂ ବିକଶିତ ହୋଇଥାଏ ।

ଏପରି ଦିବ୍ୟଗୁଣ ଗୁଡ଼ିକର ପ୍ରାପ୍ତି ଓ ସମାଜରେ ଏହାର ପ୍ରଚାର-ପ୍ରସାର ହିଁ ମଧୁବିଦ୍ୟାର ମର୍ମ, ପରନ୍ତୁ ଏହି ସତ୍ୟ ସିଦ୍ଧାନ୍ତକୁ ହୃଦୟଙ୍ଗମ କରିବା ଆବଶ୍ୟକ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ବ୍ୟକ୍ତି ଚରିତ୍ରବାନ୍ ଓ ସାତ୍ତ୍ୱିକ ସଂସ୍କାରଗୁଡ଼ିକରେ ଯୁକ୍ତ ହୋଇଥିବ । ଋଷିମାନେ ସଦାଚାର, ସତ୍ୟନିଷ୍ଠା ଓ ସାତ୍ତ୍ୱିକତା ଭଳି ଗୁଣଗୁଡ଼ିକୁ ହିଁ ମଧୁବିଦ୍ୟାର ଆଧାର କହିଛନ୍ତି ।

'ମଧୁ ବାତା ଋତାୟତେ': 'ଋତାୟତେ' ଅର୍ଥାତ୍ ସତ୍ୟନିଷ୍ଠା, ପବିତ୍ରତା, ଶୁଚିତ । ଏହା ମଧୁ ବିଦ୍ୟା ପ୍ରାପ୍ତିର ପ୍ରଥମ ସର୍ତ୍ତ । ବେଦ ମନ୍ତ୍ରଗୁଡ଼ିକରେ କୁହାଯାଇଛି ଯେ ସତ୍ୟନିଷ୍ଠା ଓ ଆଚରଣ ନିଷ୍ଠା ବ୍ୟକ୍ତି ପାଇଁ ବାୟୁ ମଧୁର ହୋଇ ବହିଥାଏ, ସମୁଦ୍ର ମଧୁରତା ପ୍ରଦାନ କରିଥାଏ, ସମସ୍ତ ବୃକ୍ଷ–ବନସ୍ପତି ମଧୁର ଫଳ ପ୍ରଦାନ କରିଥାନ୍ତି, ଆକାଶ ମଧ ତା' ପାଇଁ ପିତାତୁଲ୍ୟ ମଧୁରତା ବର୍ଷା କରିଥାଏ । 'ମଧୁ ଦୌରସ୍ତୁ ନଃ ପିତା'– ଏପରି ବ୍ୟକ୍ତି ଉପରେ ସମସ୍ତ ଗ୍ରହ-ନକ୍ଷତ୍ର ଓ ଦେବତା ମଧ କୃପା ଦୃଷ୍ଟି ରଖୁଥାନ୍ତି ଏବଂ ତାକୁ ଜୀବନରେ ନିରନ୍ତର ସୁଖ-ଶାନ୍ତି ପ୍ରଦାନ କରିଥାନ୍ତି । ଅଥର୍ବବେଦର ଏକ ସୂକ୍ତ ହିଁ 'ମଧୁବିଦ୍ୟା'ର ଅନେକ ରୂପ ପ୍ରସ୍ତୁତ କରିଥାଏ । ମଧୁବିଦ୍ୟା ସୂକ୍ତ (ଅଥର୍ବବେଦ – ୧/୩୪/ ୧-୫)ର ପାଞ୍ଚଟି ମନ୍ତ୍ରରେ ଯେଉଁ ଉପଦେଶ ସମାହିତ ହୋଇଛି, ତାହା ଆମର ମାନବୀୟ ଆଚରଣ ଓ ବ୍ୟବହାରକୁ ପରିଷ୍କୃତ କରୁଥିବା ଅନୁପମ ଜୀବନ ସୂତ୍ର ରୂପେ ବିଦ୍ୟମାନ । ସୂକ୍ତର ପ୍ରଥମ ଉପଦେଶ ହେଉଛି- ଆଖୁରେ ଜନ୍ମସିଦ୍ଧ ମାଧୁର୍ଯ୍ୟ ଅଛି ଏବଂ ମଧୁରତାର ଇଚ୍ଛା ରଖୁଥିବା ବ୍ୟକ୍ତି ଏହାକୁ ଲଗାଇ ଥାଏ ଓ କାଟିଥାଏ । ଆଖୁର କଣ କଣରେ ମଧୁରତା ଅଛି, ଏହି ପ୍ରକାର ନିଜ ଜୀବନକୁ ମଧ ଆମେ ମଧୁରତା ଯୁକ୍ତ କରିବା ଉଚିତ । ଏହି ଉପଦେଶର ତାତ୍ପର୍ଯ୍ୟ ହେଉଛି- ଏହି ସଂସାରରେ ଚୟନ ହିଁ ସର୍ବ ବିଦ୍ୟା ହିତକାରୀ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

## ଉପକାରୀ ଟମାଟୋ

ଟମାଟୋରେ ଅନେକ ପ୍ରକାର ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି । ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ । ଏହାକୁ ନିୟମିତ ଖାଇଲେ ତାହା ରକ୍ତଚାପ ବା ବ୍ଲଡପ୍ରେସରକୁ ନିୟନ୍ତ୍ରଣରେ ରଖିଥାଏ । ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହା କ୍ୟାନ୍‌ସର ସହ ଅନେକାଂଶରେ ଲଢ଼ିଥାଏ ବୋଲି ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ପ୍ରକାଶ କରିଛନ୍ତି ।



କୋଲେଷ୍ଟରଲଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ନିଜର ନିୟମିତ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ । ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିବାରେ ଆପଣଙ୍କର ସାହାଯ୍ୟ କରିଥାଏ । ଆଉ ଏକ ଖାସ୍ କଥା ହେଉଛି- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ଏହାକୁ କେତେକାଂଶରେ ଟମାଟୋ ଦୂର କରିଥାଏ ।

## ଆଜିର ଚିନ୍ତନ

ପ୍ରକୃତିର ତିନି ଗୁଣ ମଧରେ 'ତମ' ଅନ୍ୟତମ । ବାକି ଦୁଇଟି ଗୁଣ ସତ୍ତ୍ୱ ଓ ରଜ । ଗୁଣର ଅର୍ଥ ହୋଇଥାଏ ଗୌଣ । ପ୍ରକୃତି ସୃଷ୍ଟି ନିର୍ମାଣ ଝ କରେ । କିନ୍ତୁ ପ୍ରକୃତିର ସୃଷ୍ଟିକୁ ଦେଖିହୁଏନାହିଁ । ଅର୍ଥାତ ଗୌଣ ହୋଇ ରହିଯାଏ । ଯାହା ଦେଖାଯାଏ ତାହା ବ୍ରହ୍ମର ବିବର୍ତ୍ତନ ଅଟେ । ତେବେ ହୁଏତ ସୃଷ୍ଟି କଳା ଏବଂ ଗୁଣର ସମ୍ମିଶ୍ରଣ ବୋଲି ଜଣାପଡେ । ସୃଷ୍ଟିର ପ୍ରାରମ୍ଭରେ ଯେବେ କିଛି ନଥିଲା, କେବଳ ତମ ଥିଲା । ଅନ୍ଧକାର ଥିଲା । ଏହା ବି ସ୍ପଷ୍ଟ ତମକୁ ସୃଷ୍ଟି କରି ହୁଏନି । ତାହା ସ୍ୱତଃ ସିଦ୍ଧ ଅଟେ । ତମକୁ ଅଜ୍ଞାନର ପର୍ଯ୍ୟାୟ ଏଇଥପାଇଁ କୁହାଯାଏ ଯାହାଦ୍ୱାରା ଅଜ୍ଞାନକୁ ମଧ ସୃଷ୍ଟି କରିବାକୁ ପଡିନଥାଏ । ଅଜ୍ଞାନ ଜନ୍ମ ସହିତ ସୃଷ୍ଟି ହୋଇଥାଏ । ଜ୍ଞାନର ପ୍ରକାଶ ଦ୍ୱାରା ତମକୁ ନିଷ୍କାସିତ କରିହୁଏ । ପ୍ରକୃତରେ ତମ ଏକ ଆବରଣ ଯାହା ସମସ୍ତଙ୍କୁ ଢାଙ୍କି ରଖୁଥାଏ । ଯାହା ସୃଷ୍ଟିର ସର୍ବଶକ୍ତିମାନ ତତ୍ତ୍ୱ ଅଟେ । କିନ୍ତୁ ତା' ଚତୁଃପାର୍ଶ୍ୱରେ ଆସିବା କ୍ଷଣି ସବୁପ୍ରକାର ଭେଦ ହଜିଯାଏ । ସମସ୍ତ ପ୍ରକାର ଜ୍ୟୋତି ଲୁପ୍ତ ହୋଇଯାଏ । ଏହି ଅନ୍ଧକାର ବା ଅଜ୍ଞାନ ରୂପୀ ଆବରଣ ଭିତରେ ମନୁଷ୍ୟ ସାରା ଜୀବନ ଜିଇଁ ରହିଥାଏ । ଅଜ୍ଞାନ ରୂପୀ ଅଧର୍ମ, ଅବିଦ୍ୟା, ଅସ୍ମିତା, ଆସକ୍ତି, ଅଭିନିବେଶର ଆବରଣ ଧର୍ମ, ଜ୍ଞାନ, ବୈରାଗ୍ୟ ତଥା ଐଶର୍ଯ୍ୟର ପ୍ରକାଶକୁ ଢାଙ୍କିଦିଏ । ଧର୍ମ ଆଗେ ଆଗେ ଚାଲୁଥାଏ । ମନର ସହଯୋଗରେ ସତ୍ତ୍ୱ-ରଜ-ତମ ମାୟା ରୂପେ ପଛେ ପଛେ ଚାଲେ । ହେଲେ ଦୁଇଟିଯାକ ସ୍ପନ୍ଦନ ରୂପ ଏକ ଅଟେ । ବିସ୍ତାର ରୂପ ବ୍ରହ୍ମ ଏବଂ ସଂକୋଚ ରୂପ ମାୟା ହୋଇଥାଏ । ଆତ୍ମା ବା ଜୀବ ଭାଗରେ ବ୍ରହ୍ମର ପ୍ରଧାନତା ଅଧିକ ଥାଏ । ପ୍ରତି ବଦଳରେ ଶରୀର, ମନ ତଥା ବୁଦ୍ଧିରେ ମାୟା ଅର୍ଥାତ ସତ-ରଜ-ତମର ପ୍ରଭାବ ଥାଏ । ତିନୋଟି ଗୁଣର ଶୁଦ୍ଧ ଆବରଣ ସଂଜ୍ଞା ଅଟେ । ଯାହାଫଳରେ ଅଜ୍ଞାନ ମାର୍ଗ ଦ୍ୱାରା ଜ୍ଞାନ ନିକଟରେ ପହଞ୍ଚି ହୁଏ । ଜ୍ଞାନ ଏବଂ ଅଜ୍ଞାନ କେବଳ ମନର ସ୍ଥିତି ଅଟେ । ମନର ନିର୍ମାଣ ବି ଇଚ୍ଛାରୁ ସୃଷ୍ଟି ହୋଇ ଥାଏ । ଅଜ୍ଞାନ, ଜ୍ଞାନ ବିନା ସୃଷ୍ଟି ହୋଇନଥାଏ । ଯଦି ମନୁଷ୍ୟ କେବେ ସ୍ୱୀକାର କରିନେବ ଯୋଗ, ପ୍ରାଣାୟମ ଅଭ୍ୟାସ ଦ୍ୱାରା ନିଜର ଅଜ୍ଞାନ ଅବସ୍ଥାକୁ ଦୂର କରିପାରିବ ତେବେ ତମର ଆବରଣ ଅଚିରେ ଦୂରେଇଯିବ । ତମ ଦୂର ହୋଇଗଲେ ରଜର ମାତ୍ରା କମିଯିବ । ରଜ ଗୁଣ ସମତ୍ୱ ହୋଇଗଲେ ବି ସହଜ ରୂପେ ଅନ୍ଧକାର ସ୍ଥାନକୁ ପ୍ରକାଶିତ କରିଦେବ ।

ସ୍ତ୍ରୀ ଜାଗର

ବର୍ଷ ୨୮, ସଂଖ୍ୟା - ୧୦, ୧୦ - ୧୬ ମାର୍ଚ୍ଚ ୨୦୨୪


# ଅପୂଜ୍ୟ ପୂଜା ନ ହୁଅନ୍ତୁ

ପ୍ରତିଭାର ବିକାଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା । ଏପରି କି ରାଜାରାଜୁଡ଼ା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା । ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ - ସବୁଠି ସମ୍ବର୍ଦ୍ଧନାର ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି । ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ । ଯେମିତି ହେଉ ପଛେ ମାନପତ୍ରଟିଏ ମିଳୁ । ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ, କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର, ସାମ୍ବାଦିକ, ଶିକ୍ଷକ, କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି । ଏହାକୁ ଲକ୍ଷ୍ୟ ରଖି ସମ୍ପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି । ସୃଷ୍ଟି ହେବା ବି ଭଲ କଥା; କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ଗ୍ରାସ କରିଛି ସମସ୍ତଙ୍କୁ । ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନଗୁଡିକ ମଧରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ ସେତିକି ଆଗ୍ରହ । ଏପରି କି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି । ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ । ଏହା ଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି । ଆଜିକାଲି ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ଶସ୍ତା ହୋଇଯାଇଥିବାରୁ ଅନେକ ଅଯୋଗ୍ୟ ସଂସ୍ଥା ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପରି ମୂଲ୍ୟବାନ ପଦାର୍ଥର ମୂଲ୍ୟ ନଷ୍ଟ କରୁଛନ୍ତି ।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତା'ହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ । ତା' ନ ହେଲେ ଧୁଆଁମୂଳା ଓ ଅଧୁଆଁମୂଳା ସବୁ ସମାନ ହୋଇଯିବେ । ଇଏ ତ ଗଲା ଗୋଟିଏ ଦିଗ । ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ ନିରପେକ୍ଷ ରହିବା ବିଧେୟ । ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି । ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତି ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି । ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ ।

ସବୁଠୁ ବଳି ପଡ଼ିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା । ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି । ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବଞ୍ଚିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏବେ କେତେକ ସ୍ଥଳରେ କତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବଦାନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖୁବା ଲକ୍ଷ୍ୟ କରାଯାଉଛି । ସେହିପରି ଅପାତ୍ରରେ ମଧ ପ୍ରୋତ୍ସାହନ ଓ ମାନପତ୍ର ଦିଆଯାଉଛି । ଯାହା ଫଳରେ ମାନପତ୍ରର ମାନ ହ୍ରାସପାଉଛି । କୁହାଯାଏ- ଅପାତ୍ରେ ପରଶଂସା ଦାନ, କାଳେ ଅକାଳେ ମୂଲ୍ୟହୀନ । ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟିକର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି-'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି କହିବାକୁ ମୋ ବଂଶରେ କେହି ନରହନ୍ତୁ' । ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ । ବଦାନ୍ୟତା ବିଜ୍ଞାପିତ ହେବା ମାନସିକତା ଭିତରେ ହଜିନଯାଉ । ସେହିପରି ଅପୂଜ୍ୟମାନଙ୍କୁ ପୂଜା କରିବାବେଳେ ପୂଜ୍ୟ ଲୋକମାନେ ବାଦ୍ ପଡ଼ିନଯାଆନ୍ତୁ । ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା । ପୂଜ୍ୟପୂଜାର ଆଦର ମଧ ରହିବା ଦରକାର । କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ; ଯାହା କି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ ।



# ଇସଲାମ ଶାନ୍ତିର ଏକ ଧର୍ମ

**ମହାତ୍ମା ଗାନ୍ଧୀ**

ମଣିଷକୁ ଆମେ ଈଶ୍ୱରଙ୍କ ପାଖକୁ ବା ଯୀଶୁ କିମ୍ବା ମହମ୍ମଦଙ୍କର ପ୍ରଦତ୍ତ ଶିକ୍ଷା ପାଖକୁ କିପରି ପୁନର୍ବାର ଫେରାଇ ଆଣିବା ?' ଯୀଶୁ ଏକଦା ତାଙ୍କର ଜଣେ ଅନୁଗାମୀଙ୍କୁ ଯେଉଁ ଉତ୍ତର ଦେଇଥିଲେ, ଏଠାରେ ମୁଁ ପ୍ରଶ୍ନଟିର ସେହି ଉତ୍ତର ଦେବି କେବଳ ତୁଣ୍ଡରେ ପ୍ରଭୁ ପ୍ରଭୁ ବୋଲି କହନାହିଁ, ମୋ'ର ସ୍ୱର୍ଗବାସୀ ପରମପିତାଙ୍କର ଇଚ୍ଛାକୁ ହିଁ କାର୍ଯ୍ୟରେ ପରିଣତ କର ।'' ଏହି କଥାଟି ତୁମପାଇଁ, ମୋ' ପାଇଁ ଓ ପ୍ରତ୍ୟେକ ବ୍ୟକ୍ତି ପାଇଁ ସମାନଭାବରେ ସତ । ଯଦି ସେହି ଜୀବନ୍ତ ପରମେଶ୍ୱରଙ୍କ ଠାରେ ଆମର ବିଶ୍ୱାସ ରହିଥାଏ, ତେବେ ଆମର ସବୁକିଛି ଠିକ୍ ହୋଇଯିବ । ମୋ'ର ମରିବା ଦିନ ପର୍ଯ୍ୟନ୍ତ ମଧ ମୁଁ ଏହି ବିଶ୍ୱାସଟିକୁ କଦାପି ହରାଇ ଦେବି ନାହିଁ ବୋଲି ଆଶା କରୁଛି । ମୋ'ର ବହୁ ସଂଖ୍ୟାକ ବିଫଳତା ଏବଂ ଅଭାବ ସତ୍ତ୍ୱେ-ସେଗୁଡ଼ିକ ସମ୍ବନ୍ଧରେ ମୁଁ ଉତ୍ତମରୂପେ ସଚେତନ ରହିଛି ଈଶ୍ୱରଙ୍କ ଠାରେ ରହିଥିବା ମୋ'ର ବିଶ୍ୱାସ ଦିନକୁ ଦିନ ଅଧିକ ଉଜ୍ଜ୍ୱଳ ହୋଇ ଜଳିବାରେ ଲାଗିଛି ।

ଯଦି ମୁଁ ତାହା କରନ୍ତିନାହିଁ, ତେବେ ଅସମ୍ମାନିତ ହେବା ବିଷୟରେ ଆତଙ୍କିତ ହୋଇ ରହିଥିବା ଏବଂ ସାହାଯ୍ୟ ଅଥବା ନିସ୍ତାରର ଆଦୌ କୌଣସି ସମ୍ଭାବନା ଦିଶୁ ନ ଥିବା ସେହି ନାରୀମାନଙ୍କୁ ମୁଁ ଯେଉଁ ପରାମର୍ଶ ଦେଇଥିଲି, ମୁଁ ମଧ ତାହାକୁ ହିଁ ଗ୍ରହଣ କରିବି, ଅର୍ଥାତ୍ ମୁଁ ଆତ୍ମହତ୍ୟା ଦ୍ୱାରା ମୃତ୍ୟୁ ବରଣ କରିବି ।

ଖ୍ରୀଷ୍ଟିଆନ୍ ଧର୍ମ, ବୌଦ୍ଧ ଧର୍ମ ଓ ହିନ୍ଦୁ ଧର୍ମ ପରି ମୁଁ ଇସଲାମକୁ ମଧ ସମାନ ଭାବରେ ଶାନ୍ତିର ଏକ ଧର୍ମରୂପେ ଦେଖିଥାଏ । ଏଗୁଡ଼ିକ ମଧରେ ମାତ୍ରାରେ ପାର୍ଥକ୍ୟମାନ ଅବଶ୍ୟ ରହିଛି, ମାତ୍ର ଏହି ସକଳ ଧର୍ମ ପ୍ରତ୍ୟେକେ ଶାନ୍ତିକୁ ହିଁ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଛନ୍ତି ।

ଭଗବାନଙ୍କର ଏକତ୍ୱ ଉପରେ ଏହାର ଅବିମିଶ୍ରିତ ବିଶ୍ୱାସ ଏବଂ ଯେଉଁମାନେ ନାମତଃ ଅନୁଗାମୀମାନଙ୍କର ସମ୍ପୃକ୍ତି ମଧରେ ରହିଛନ୍ତି, ସେମାନଙ୍କ କ୍ଷେତ୍ରରେ ମନୁଷ୍ୟ ଭ୍ରାତୃତ୍ୱରୂପୀ ସତ୍ୟଟିର ବ୍ୟବହାରିକ ପ୍ରୟୋଗ, ଆମେ ଏହିଗୁଡ଼ିକୁ ଭାରତର ଜାତୀୟ ଜୀବନ ଲାଗି ଇସଲାମ୍‌ର ସ୍ୱତନ୍ତ୍ର ଅବଦାନ ବୋଲି କହିବା । ଏହି ଦୁଇଟିକୁ ମୁଁ ଦୁଇଟି ସ୍ୱତନ୍ତ୍ର ବା ବିଶେଷ ଅବଦାନ ବୋଲି କହିଥାଏ । କାରଣ ହିନ୍ଦୁଧର୍ମରେ ଭ୍ରାତୃତ୍ୱର ଭାବଟିକୁ ଅତିରିକ୍ତ ମାତ୍ରାରେ ଏକ ଦାର୍ଶନିକ ସ୍ତରରେ ନେଇ ରଖି ଦିଆ ଯାଇଛି । ଠିକ୍ ସେହିପରି, ଦର୍ଶନର ସ୍ତରରେ ହିନ୍ଦୁ ଧର୍ମରେ ସେହି ଏକ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱର ନଥିଲେ ମଧ, ଏହି କଥାଟିକୁ କଦାପି ଅସ୍ୱୀକାର କରି ହେବନାହିଁ ଯେ, ଆପଣାର ବ୍ୟବହାରିକ କ୍ଷେତ୍ରରେ ହିନ୍ଦୁଧର୍ମ ଇସଲାମ୍ ପରି ଏତେ ଦୃଢ଼ଭାବରେ ସାଲିସ୍ ନ ହୋଇ ରହି ପାରିନାହିଁ ।

ଜଣେ ବ୍ୟକ୍ତିକୁ ନିଜ ଧର୍ମକୁ ଦୀକ୍ଷିତ କରି ଆଣିବା ନିମନ୍ତେ ନିର୍ଦ୍ଦେଶ ଦେଇ କୋରାନ୍‌ରେ କୌଣସି କଥା କୁହାଯାଇ ନାହିଁ । ଯଥାସମ୍ଭବ ଅଧିକ ସ୍ପଷ୍ଟ ଭାଷା ବ୍ୟବହାର କରି ସେହି ଧର୍ମପୁସ୍ତକରେ ଘୋଷଣା କରାଯାଇଛି, ''ଧର୍ମରେ ବାଧ କରିବା ଲାଗି କୌଣସି ସ୍ଥାନ ନାହିଁ । ପୈଗମ୍ବର ମଧ ତାଙ୍କର ସମଗ୍ର ଜୀବନରେ ଧର୍ମରେ କାହାକୁ ବାଧ କରିବାର ରୀତିକୁ ଖଣ୍ଡନ ହିଁ କରିଛନ୍ତି । ମୋ' ଜାଣିବାରେ କୌଣସି ମୁସଲମାନ କେବେ ବାଧ କରିବାକୁ ସମର୍ଥନ କରିନାହାନ୍ତି । ଆପଣାର ପ୍ରସାର ପାଇଁ ବଳପ୍ରୟୋଗ ଉପରେ ବିଶ୍ୱାସ ସ୍ଥାପନ କଲେ ଇସ୍‌ଲାମ ଏକ ବିଶ୍ୱଧର୍ମରୂପେ ଆଉ କଦାପି ରହି ପାରିବନାହିଁ ।

ମୁଁ ଏପରି ମତ ବ୍ୟକ୍ତ କରିଛି ଯେ ଇସ୍‌ଲାମ୍‌ର ଅନୁଗାମୀମାନେ ତରବାରୀ ବ୍ୟବହାର କରିବାରେ ଅତିରିକ୍ତ ପରିମାଣରେ ମୁକ୍ତ ରହି ଆସିଛନ୍ତି । ମାତ୍ର, କୋରାନ୍‌ର ଶିକ୍ଷା ଫଳରେ ସେଭଳି କଦାପି ହୋଇନାହିଁ । ମୁଁ ଭାବୁଛି, ଯେପରି ଏକ ପାରିପାର୍ଶ୍ୱିକ ଅବସ୍ଥା ଭିତରେ ଇସ୍‌ଲାମ ଜନ୍ମ ନେଇଥିଲା, ସେଇଥି ସକାଶେ ସେପରି ହୋଇଛି । ଯୀଶୁ କ୍ରୁଆଡ୍‌େ ଚାଲି ଯାଇଥିଲେ ବୋଲି ଯେ ଖ୍ରୀଷ୍ଟିଆନ ଧର୍ମକୁ ଏକ ରକ୍ତାକ୍ତ ଇତିହାସ ଅର୍ଜିବାକୁ ପଡ଼ିଲା, ସେକଥା ମୋଟେ ନୁହେଁ, ମାତ୍ର ଯେଉଁ ପରିବେଶ ମଧରେ ତାହା ପ୍ରସାର ଲାଭ କଲା, ତାହା ଆଦୌ ତାଙ୍କର ଶିକ୍ଷାଗୁଡ଼ିକୁ ଅନୁସନ୍ଧାନ ଜଣାଇବା ଲାଗି ଅନୁକୂଳ ନଥିଲା ।

ମୁଁ ଏକାଧିକ ବାର କୋରାନ୍ ପାଠ କରିଛି । ପୃଥିବୀର ଯାବତୀୟ ବଡ଼ ବଡ଼ ଧର୍ମରେ ଯାହାକିଛି ଉତ୍ତମ ରହିଛି, ସେଗୁଡ଼ିକ ଗ୍ରହଣ କରିବା ସକାଶେ ମୋ'ର ଧର୍ମ ମୋତେ ସମର୍ଥ କରିଛି, ବାଧ ମଧ କରୁଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ଇସ୍‌ଲାମ୍‌କୁ ଏକ ଅନ୍ୟତମ ଈଶ୍ୱର ଅନୁପ୍ରେରିତ ଧର୍ମ ବୋଲି ବିଚାର କରୁଛି । ସେଥି ପାଇଁ କୋରାନ୍‌କୁ ଏକ ଈଶ୍ୱର ଅନୁପ୍ରେରିତ ଧର୍ମଗ୍ରନ୍ଥ ଏବଂ ମହମ୍ମଦଙ୍କୁ ଜଣେ ଅନ୍ୟତମ ପୈଗମ୍ବର ବୋଲି ମଧ ଗ୍ରହଣ କରୁଛି ।

ମୁଁ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛି ଯେ, କୋରାନ୍‌ର ଯାବତୀୟ ଶିକ୍ଷା ମର୍ମତଃ ଅହିଂସାର ସମର୍ଥନ କରୁଛି । ଅହିଂସା ହେଉଛି ହିଂସା ଅପେକ୍ଷା ଅଧିକ ଭଲ ଏକଥା କୋରାନ୍‌ରେ କୁହାଯାଇଛି । ଅହିଂସାକୁ ଏକ କର୍ତ୍ତବ୍ୟ ବୋଲି ଘୋଷଣା କରାଯାଇଛି ; ହିଂସାକୁ ଏକ ପ୍ରୟୋଜନରୂପେ ଅନୁମତି ଦିଆଯାଇଛି ।

## ପ୍ରାଚ୍ୟ ଗ୍ରନ୍ଥଗୁଡିକରେ....

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଶେଷରେ କୁହାଯାଇଛି ଯେ ଆନନ୍ଦ ହିଁ ସବୁ କିଛି । ଅନ୍ନ, ମନ, ପ୍ରାଣ ବା ବିଜ୍ଞାନ ସବୁର ଉଦ୍ଦେଶ୍ୟ ହେଉଛି ଆନନ୍ଦ । ବୈଜ୍ଞାନିକ ଜ୍ଞାନ ମାନବ କେନ୍ଦ୍ରିତ ହିଁ ହେବା ଉଚିତ । ବିଜ୍ଞାନର ପ୍ରମୁଖ କଷଟି ହେଉଛି ପ୍ରୟୋଗ ସିଦ୍ଧି । ବ୍ୟକ୍ତିଗତ ଅନୁଭୂତି ବୈଜ୍ଞାନିକ ହୋଇ ନଥାଏ । ସାର୍ବଜନିକ ସିଦ୍ଧତା ଆବଶ୍ୟକ, କିନ୍ତୁ ବଡ଼ ବଡ଼ ଉପକରଣ ବା ପ୍ରୟୋଗଶାଳା ହିଁ କୌଣସି ଜ୍ଞାନୀକୁ ବିଜ୍ଞାନୀ କରି ନଥାଏ । ବୈଦିକ ଭାରତ ଅନ୍ଧବିଶ୍ୱାସ ମୁକ୍ତ ଓ ଜିଜ୍ଞାସୁ ଥିଲା । ଧରିତ୍ରୀ, ଆକାଶ ଓ ସୌରମଣ୍ଡଳକୁ ଜାଣିବା- ପରୀକ୍ଷା କରିବାକୁ ବ୍ୟାକୁଳ ଥିଲା । ଋଗ୍‌ବେଦ ଏହାର ଜୀବନ୍ତ ସାକ୍ଷ୍ୟ ବହନ କରେ । ଏଥିପାଇଁ ପ୍ରାଚୀନ ଜ୍ଞାନ-ବିଜ୍ଞାନକୁ ଶୂନ୍ୟ-କାଳ୍ପନିକ କହିବା ରାଷ୍ଟ୍ର ଜୀବନ ପ୍ରତି ସିଧା ଅପମାନ । ସହମତି ବା ଅସହମତି ବୈଜ୍ଞାନିକ ଦୃଷ୍ଟିକୋଣର ଏକ ଅଂଶ ।

ବୈଜ୍ଞାନିକ ଦୃଷ୍ଟିକୋଣରେ ଜ୍ଞାନର କୌଣସି ଅବସ୍ଥା ଅନ୍ତିମ ହୋଇ ନଥାଏ । ଜ୍ଞାନ ନିରନ୍ତର ବିକାଶମାନ ପ୍ରକ୍ରିୟା । ପ୍ରାଚୀନ ବିଜ୍ଞାନ ପୂର୍ଣ୍ଣ ନ ଥିଲା ଏବଂ ଆଧୁନିକ ବିଜ୍ଞାନ ମଧ ପୂର୍ଣ୍ଣ ନୁହେଁ । ସମସ୍ତ ପ୍ରାଚୀନ ଭୁଲ ନୁହେଁ । ସାରା ଆଧୁନିକ ମଧ ଅନ୍ତିମ ସତ୍ୟ ନୁହେଁ । ଗଣିତ ବିଜ୍ଞାନର ଆତ୍ମା । ଏନସାଇକ୍ଲୋପିଡିଆ ବ୍ରିଟାନିକା ଅନୁସାର ଶୂନ୍ୟ ଅଙ୍କର ଆବିଷ୍କାର ସମ୍ଭବତଃ ହିନ୍ଦୁମାନେ ହିଁ କରିଛନ୍ତି । ଉଲ୍ଲେଖ ଅଛି ଯେ ୧ ରୁ ୧୦ ଅଙ୍କ ଗୁଡ଼ିକର ପ୍ରତୀକ ଅଧିକାଂଶତଃ ଭାରତରେ ହିଁ ଉତ୍ପନ୍ନ ହୋଇଛି । ଆରବ ଦେଶ ଏହାର ପ୍ରୟୋଗ କଲା । ସେଗୁଡ଼ିକୁ ହିନ୍ଦୁ ଆରବିକ ଅଙ୍କ କୁହାଯାଏ ।

ଶ୍ରମର ଆଧାର ହେଉଛି ହାତ ଓ ହାତର ଅଙ୍ଗୁଳିଗୁଡ଼ିକ । ବୈଦିକ ମନ୍ତ୍ରଗୁଡ଼ିକରେ ୧୦ଟି ଅଙ୍ଗୁଳିର ବାରମ୍ବାର ଉଲ୍ଲେଖ କରାଯାଇଛି । ଭାରତରେ ଗଣିତର ବିକାଶ ବିଶ୍ଳେଷକ ପ୍ରତିଭାର ଉତ୍କୃଷ୍ଟ ପ୍ରମାଣ । ଦଶମିକ ପଦ୍ଧତି ବିଶ୍ୱକୁ ଭାରତର ଅବଦାନ । ଶୂନ୍ୟର ଆବିଷ୍କାର, ସ୍ଥାନ ଅନୁସାର ଶୂନ୍ୟର ପ୍ରୟୋଗ ଦ୍ୱାରା ଅଙ୍କର ମୂଲ୍ୟ ବୃଦ୍ଧି ଭାରତୀୟ ପ୍ରତିଭାର ହିଁ ଚମତ୍କାର ।

ଗଣିତ ଓ ବିଜ୍ଞାନର ଜନ୍ମ ଭାରତରେ ହିଁ ହୋଇଛି । ୧ ସହିତ ୦ ଲାଗି ଗଠିତ ୧୦ ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍କ । ଋଗ୍‌ବେଦ ଅନୁସାର ୧୦ ଦିଗ ରହିଛି, ଇନ୍ଦ୍ରିୟ ମଧ ୧୦ । ବିରାଟ ପୁରୁଷ ଦଶ ଅଙ୍ଗୁଳି ଦ୍ୱାରା ବିଶ୍ୱକୁ ଘେରିଥାନ୍ତି । ୧୦୦ ଅଙ୍କର ମଧ ଉଲ୍ଲେଖ ରହିଛି – ୧୦୦ ଶରଦ (ବର୍ଷ)ର ଜୀବନ ଆବଶ୍ୟକ । ଋଷିଙ୍କର ୧୦୦ ପଶୁଧନ ଅଛି । ଶୂନ୍ୟ ସଂଖ୍ୟା ବଡ଼ ମଜାରେ ବଢ଼ିଥାଏ । ବରୁଣ ୧୦୦ ଔଷଧ ଓ ହଜାର ଔଷଧ ମଧ ରଖିଥାନ୍ତି । ପୁରୁଷ ସହସ୍ର ଶିର ଓ ସହସ୍ର ପାଦ ବିଶିଷ୍ଟ ଅଟନ୍ତି ।

ମ୍ୟାକଡନଲ ଓ କୀଥ ବୈଦିକ ସାହିତ୍ୟରେ ଅନେକ ସଂଖ୍ୟାର ଉଲ୍ଲେଖ କରିଛନ୍ତି । ଏଥିରେ ହିଁ ବୀଜଗଣିତର ବିକାଶ ହୋଇଛି । ହରପ୍ପା ସ୍ଥାପତ୍ୟ ହେଉଛି ପ୍ରାଚୀନ ରେଖାଗଣିତର ସାକ୍ଷ୍ୟ ।

ଜର୍ମାନ ବିଦ୍ୱାନ ଡା. ଥାମସ ଜେଫରସନଙ୍କ ଅନୁସାର ହରପ୍ପା ସଭ୍ୟତାର ମାପକ ଯନ୍ତ୍ର ଗଣିତ ଜ୍ଞାନର ସାକ୍ଷ୍ୟ ବହନ କରେ । ପୃଥିବୀର ଗତିଶୀଳତା ଓ ଗୁରୁତ୍ୱ ଅଥର୍ବବେଦରେ ଉଲ୍ଲେଖ ଅଛି । ଏଥିରେ ଧାତୁ ଉଦ୍ୟୋଗ ଓ ବସ୍ତ୍ର ଉଦ୍ୟୋଗ ବିଷୟର ବର୍ଣ୍ଣନ ମଧ ମିଳେ । ଭାରତ ତା'ର ପ୍ରାଚୀନ ଜ୍ଞାନ, ବିଜ୍ଞାନ ଉପରେ କରେ । ବୈଜ୍ଞାନିକ ଦୃଷ୍ଟିକୋଣ ଆମକୁ ଉତ୍ତରାଧିକାରୀ ରୂପେ ମିଳିଛି । ମଙ୍ଗଳ ଅଭିଯାନ ଓ ପରମାଣୁ ବିଜ୍ଞାନ ସହିତ ଆଧୁନିକ ଭାରତର ବୈଜ୍ଞାନିକଗଣ ଲମ୍ବା ଡିଆଁ ଡେଇଁଛନ୍ତି । ପ୍ରାଚୀନ ଜ୍ଞାନର ସ୍ୱାଭିମାନ ଓ ଆଧୁନିକ ବିଜ୍ଞାନର ଗ୍ରାହ୍ୟତାକୁ ବୃଦ୍ଧି କରିବା ଦ୍ୱାରା ହିଁ ଭାରତର ଭବିଷ୍ୟ ଉଜ୍ଜ୍ୱଳ ହେବ । ଆମର ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ କେବଳ ବିଜ୍ଞାନର ଉଲ୍ଲେଖ ମିଳେ ନାହିଁ, ବରଂ ବୈଜ୍ଞାନିକ ସୂତ୍ରଗୁଡ଼ିକ ମାଧମରେ ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟଜନକ ପ୍ରୟୋଗଗୁଡ଼ିକର ମଧ ବର୍ଣ୍ଣନ ମିଳେ । ଆଜି ଏହି ସୂତ୍ରଗୁଡ଼ିକୁ ସଜାଇ ମାନବ କଲ୍ୟାଣ ପାଇଁ ତାହାର ପ୍ରୟୋଗଧର୍ମିତ ଏବଂ ଅନୁପ୍ରୟୋଗର ଆବଶ୍ୟକତା ରହିଛି ।


# ସ୍ୱର୍ବେଦ

**ସନ୍ତ ସୁଷମନାତୀତ ହେଁ,**
**ଅନୁଭଓ୍ୱ ଶବ୍ଦ ସମାଧି ।**
**ଗିରନେ ପର ସୁଷମନ ରହେ,**
**ଅଧଃପତନ ନହିଁ ବାଧି ॥୨୨॥**

ଭାଷ୍ୟ - ବିହଙ୍ଗମ ମାର୍ଗରେ ବିବେକୀ ସନ୍ଥ ସୁଷ୍ମନାକୁ ଛାଡ଼ି ଯେତେବେଳେ ସମାଧି ମଣ୍ଡଳରେ ସ୍ଥିତ ହୁଅନ୍ତି, ସେତେବେଳେ ଶବ୍ଦାନନ୍ଦର ଅନୁଭବ କରିଥାନ୍ତି । ଯେତେବେଳେ ତାଙ୍କର ଚେତନା ସ୍ଥିର ନ ହୋଇ ନିମ୍ନଗାମୀ ହେବାରେ ଲାଗେ, ସେତେବେଳେ ସେ ସୁଷ୍ମନରେ ଆସି ଅବସ୍ଥାନ କରିଥାନ୍ତି । ବିହଙ୍ଗମ ଯୋଗରେ ଅର୍ଧ ଭୂମି ସୁଷ୍ମନାର ଅଟେ, ଯେଉଁଠାରେ ଯୋଗୀ ପ୍ରକୃତିରେ ଆସି ତାହାର ଦ୍ୱାରରେ ସ୍ଥିତ ହୋଇଯାଏ ।

**ଅଧିକାରୀ ଉପଦେଶ ହେଁ,**
**ଜିଜ୍ଞାସୂ ନିଜ ଆୟ ।**
**ସହଜ ଭ୍ରମଣ ଗୁରୁଦେଓ୍ୱ କା,**
**ପାସ ଆୟ ସୋ ପାୟ ॥୨୩॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଯୋଗ ତତ୍ତ୍ୱର ଉପଦେଶ ସେହି ଅଧିକାରୀମାନଙ୍କୁ ହୋଇଥାଏ ଯେଉଁ ଜୀଜ୍ଞାସୁଗଣ ସାମ, ଦାମ ଆଦି ଗୁଣରେ ଯୁକ୍ତ ହୋଇ ସ୍ୱତଃ ସଦ୍‌ଗୁରୁ ଶରଣାଗତ ହୁଅନ୍ତି ତଥା ଯିଏ ସଦ୍‌ଗୁରୁ ଦେବଙ୍କର ସହଜ ଭ୍ରମଣ ସମୀପକୁ ଆସି ବ୍ରହ୍ମତତ୍ତ୍ୱ ଉପଦେଶକୁ ଗ୍ରହଣ କରିଥାନ୍ତି ।




**ଭୋଜନ ତନ ଚିନ୍ତା ନହୀଁ,**
**ଭୋଗ ଆପହୀ ଆୟ ।**
**ରତ ଓ୍ୱିରଚ୍ଛ ପ୍ରଭୁ ଭଜନ ମେଁ,**
**ଜୋ ଆଓ୍ୱେ ସୋ ଖାୟ ॥୨୪॥**

ଭାଷ୍ୟ - ବିଷୟ ଭୋଗଶୂନ୍ୟ ବିଶୁଦ୍ଧ ସନ୍ଥ ସର୍ବଦା ପ୍ରଭୁଙ୍କର ଭଜନରେ ଅନୁରକ୍ତ ରହିଥାନ୍ତି । ତାଙ୍କୁ ନିଜ ଶରୀର ଅଥବା ଭୋଜନର ଚିନ୍ତା ହୋଇ ନ ଥାଏ । ତାଙ୍କୁ ଆବଶ୍ୟକୀୟ ସମସ୍ତ ବସ୍ତୁ ସ୍ୱାଭାବିକ ଭାବରେ ଉପଲବ୍ଧ ହୋଇଥାଏ ଓ ଯାହା ଯେତିକି ଭୋଜନ ପ୍ରାପ୍ତ ହୋଇଥାଏ ତାକୁ ପାଇ ସେ ନିଜ ଭଜନରେ ନିମଗ୍ନ ରହିଥାନ୍ତି ।

**ଓ୍ୱାଣ ପାରଧୀ ମାରତା, ଲକ୍ଷ୍ୟ**
**ଓ୍ୱାଣ କର ନୋଖ ।**
**ତନମୟ ଠୀକ ନିଶାନ ହେଁ,**
**ବେଧତ ଲକ୍ଷ୍ୟହିଁ ଚୋଖ ॥୨୫॥**

ଭାଷ୍ୟ - ତୀର ଚାଳନାକାରୀ ଧନୁର୍ଦ୍ଧାରୀ ତୀରର ମୁନକୁ ଲକ୍ଷ୍ୟକରି ତୀର ଚାଳନା କରିଥାଏ ଆଉ ଲକ୍ଷ୍ୟକୁ ଭେଦ କରିବା ପାଇଁ ତନ୍ମୟ ହୋଇଯାଏ । ତେବେ ସେଇ ବାଣ ହିଁ ଲକ୍ଷ୍ୟଭେଦ କରିବାରେ ସକ୍ଷମ ହୁଏ । ସେହି ପ୍ରକାର ଆତ୍ମାର ସମସ୍ତ ଶକ୍ତି ଯେତେବେଳେ ଗୁରୁ ଲକ୍ଷ୍ୟରେ ଏକ ସମାନ ଚତୁର୍ଦ୍ଦିଗରୁ ସ୍ଥିର ହୋଇଯିବ, ସେତେବେଳେ ଏହା ଚିନ୍ମୟ ଚିଦାକାର ହୋଇ ନିଜର ଲକ୍ଷ୍ୟକୁ ପ୍ରାପ୍ତ କରି ପାରିବ ।

**ଯୋଗୀ କୀ ଗତି ନହିଁ ଲଖେ,**
**ଈଶ୍ୱର ଗତି କିମି ଜାନ ।**
**ଅଗମ ଅଲୌକିକ କେଲ ହେଁ,**
**ଭେଦୀ ଭେଦ ପିଛାନ ॥୨୬॥**

ଭାଷ୍ୟ - ଯୋଗୀର ଗତି ଜାଣିବା କଷ୍ଟକର ହେଉଥିବା ବେଳେ ଯୋଗୀଠାରୁ ସୂକ୍ଷ୍ମ ଈଶ୍ୱରଙ୍କର ଗତି ବିଷୟରେ କେମିତି ଜାଣିହେବ ? ଏହା ପ୍ରକୃତିପାର ଗମନ ଯୋଗ ରହସ୍ୟ ଅଟେ, ଯାହାକୁ ଏହାର କେହି ଭେଦୀ କିମ୍ବା ମର୍ମୀ ହିଁ ଜାଣି ପାରିବେ । ସଦ୍‌ଗୁରୁ, ଅନୁଭବ ଭେଦ ରହସ୍ୟର ପୂର୍ଣ୍ଣ ଜ୍ଞାନ ପାରଦର୍ଶୀ ଜୀବନ୍ମୁକ୍ତ ଯୋଗୀକୁ ହୋଇଥାଏ ।

**ଯାଦ ଦୟା କୋ ଲାଓ୍ୱତୀ, ପ୍ରଭୁ**
**କୃପାଲୁ ଭଗଓ୍ୱନ୍ତ ।**
**ଅଧିକ ଯାଦ ପ୍ରଭୁ କରତ ହେଁ,**
**ଯଦି ଥୋରେ କର ସନ୍ତ ॥୨୭॥**

ଭାଷ୍ୟ - ସ୍ମରଣର ବିପରୀତ ଦୟା ଅଟେ । ପ୍ରଭୁଙ୍କର ଯେତିକି ସ୍ମରଣ ହୋଇଥାଏ, ସେତିକି ଭକ୍ତବତ୍ସଳ କୃପାଳୁ ଭଗବାନ ସେହି ଭକ୍ତ ଉପରେ ନିଜର ଦୟା ଦେଖାଇଥାନ୍ତି । ଯଦି ଅନୁଭବ ବିବେକ ଦ୍ୱାରା ସନ୍ଥଜନ ପ୍ରଭୁଙ୍କୁ କିଞ୍ଚିତ ସୁଦ୍ଧା ସ୍ମରଣ କରନ୍ତି, ତାହାହେଲେ ସେହି ଦୟାଳୁ ପ୍ରଭୁ ସେହି ଭକ୍ତ ଉପରେ ଅଧିକ ଦୟା ପ୍ରଦର୍ଶନ କରିଥାନ୍ତି ।

**ସଂଚିତ ପାପ ସମୂଲ ସବ,**
**ସୁମିରନ ଭଜନ ସଂହାର ।**
**ୟହ ଅନୁଭଓ୍ୱ ବହୁ ସନ୍ତ କା,**
**ଜନ୍ମ ମରଣ ଦୁଖ ପାର ॥୨୮॥**

ଭାଷ୍ୟ - ପ୍ରଭୁଙ୍କ ସ୍ମରଣ ଓ ଭଜନ ଦ୍ୱାରା ସଂଚିତ ସମସ୍ତ ପାପ ସମୂଳେ ନଷ୍ଟ ହୋଇଯାଆନ୍ତି ଓ ଜନ୍ମ ମରଣ ରୂପକ ଦୁଃଖର ବିନାଶ ହୋଇଯାଏ । ଏହି ଅନୁଭବ ଅନେକ ସନ୍ଥଙ୍କର ରହିଛି ।

**କୁଣ୍ଡଲିନୀ ଦ୍ୱାରା ତଜେ, ଖୁଲତ**
**ସୁଷ୍ମନା ଧାର ।**
**ଅନ୍ତର ଗର ଗର ଶବ୍ଦ ହୋ, ୟହ**
**ଲକ୍ଷଣ ଶୁଭ ସାର ॥୨୯॥**

ଭାଷ୍ୟ - କୁଣ୍ଡଳିନୀର ମାର୍ଗକୁ ଛାଡ଼ିଦେବା ପରେ ସୁଷ୍ମନା ଖୋଲିଯାଏ ଆଉ ତାହାର ପ୍ରବାହ ହେବାରେ ଲାଗେ । ସେତେବେଳେ ଭିତରେ ଘର୍ଘର ଶବ୍ଦ ହୋଇଥାଏ । ଏହା ଅନ୍ତର ଗମନର ମଙ୍ଗଳମୟ ଲକ୍ଷଣ ଅଟେ ।

# ବ୍ୟକ୍ତିତ୍ୱର ଆଧାର ହେଉଛି...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ମଧୁରତା ଓ କଟୁତା, ଉଭୟ ରହିଛି । ଆମେ ମଧୁରତାର ଇଚ୍ଛା କରିବା ଉଚିତ, କାରଣ ମନୁଷ୍ୟ ଉଭୟ ମଧରୁ କୌଣସି ଗୋଟିକର ଚୟନ କରିବା ପାଇଁ ସ୍ୱତନ୍ତ୍ର, ଏଣୁ ମଧୁରତାର ମଧୁର ତାର ଚୟନ ଜୀବନର ଆଚରଣ ଓ ବ୍ୟବହାରରେ ମାଧୁର୍ଯ୍ୟ ଆଣିଥାଏ । ଏହି ମଧୁରତାର ବ୍ୟବହାର ବ୍ୟକ୍ତିଗତ ଜୀବନ ଓ ସମାଜରେ ସାମଂଜସ୍ୟ, ସଦ୍‌ଭାବ, ପ୍ରେମ, ସହାନୁଭୂତି, ସ୍ନେହ ଉତ୍ପନ୍ନ ଜୀବନରେ ସୁଖ, ଶାନ୍ତି ଓ ପ୍ରସନ୍ନତା ପ୍ରଦାନ କରିଥାଏ । ଦ୍ୱିତୀୟ ଉପଦେଶ ହେଉଛି- ଆମ ଜିଭର ଆଗ ଓ ପଛ ଭାଗରେ ମଧୁରତା କାଏମ ରହୁ, ଅର୍ଥାତ୍ ମୁହଁରୁ ଯେଉଁ ବଚନ ବାହାରିବ, ତାହା ମିଠା ହେଉ । ବଚନଗୁଡ଼ିକରେ ଟିକିଏ ବି କଟୁତା ନ ରହୁ । ମଧୁର ବଚନ ବଶୀକରଣ ମନ୍ତ୍ର ଭଳି ହୋଇଥାଏ, ଯଦ୍ୱାରା ସାରା ସମାଜ ଆମର ଅଧୀନ ହୋଇଯାଏ । ଅନ୍ୟମାନଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିବା ପାଇଁ ମଧୁର ବଚନ ଠାରୁ ଅଧିକ ସରଳ ଉପାୟ ଅନ୍ୟ କିଛି ନାହିଁ ।

ତୃତୀୟ ଉପଦେଶରେ କୁହାଯାଇଛି ଯେ ଆମର ଘରୁ ବାହାରକୁ ଯିବା ଏବଂ ବାହାରୁ ଘରକୁ ଫେ ରିବା ମଧୁରତାରେ ପୂର୍ଣ୍ଣ ହେଉ ଅର୍ଥାତ୍ ଆମର ପୂରା ଦିନଚର୍ଯ୍ୟା ମଧୁରତାରେ ପୂର୍ଣ୍ଣ ହେଉ । ଉଠିବା, ବସିବା, ମିଶିବା, କଥାବାର୍ତ୍ତା ଆଦି ସବୁ କାର୍ଯ୍ୟରେ ମଧୁରତା ବଜାୟ ରହୁ । ଅଧିକାଂଶ ସମସ୍ୟା ଏବଂ ବିବାଦର କାରଣ ହେଉଛି କଟୁବଚନ, ବ୍ୟଙ୍ଗ, କଟାକ୍ଷ ଓ ନିନ୍ଦା କରିବା ଆଦି । ମଧୁରତା ଏହି ଦୁର୍ଗୁଣଗୁଡ଼ିକରୁ ରକ୍ଷା କରିଥାଏ । ଚତୁର୍ଥ ଉପଦେଶରେ ମଧୁଠାରୁ ମଧ ଅଧିକ ମଧୁର ହେବାର ପ୍ରାର୍ଥନା କରିବା ପାଇଁ କୁହାଯାଇଛି । ମଧୁରତା ସମସ୍ତଙ୍କୁ ପ୍ରିୟ, ଏଣୁ ମଧୁର ବାଣୀ ଓ ବ୍ୟବହାର ଯୁକ୍ତ ବ୍ୟକ୍ତିଙ୍କ ସହିତ ସମସ୍ତେ ପ୍ରେମପୂର୍ଣ୍ଣ ବ୍ୟବହାର କରନ୍ତି ଏବଂ ଏପରି ବ୍ୟକ୍ତି ଲୋକପ୍ରିୟ ମଧ ହୋଇଥାନ୍ତି ।

ପଞ୍ଚମ ଉପଦେଶ ହେଉଛି – ନିଜ ଚତୁର୍ଦ୍ଦିଗରେ ମଧୁରତାର ବିସ୍ତାର କରିବା । ଯଦି ମଧୁରତାର ପ୍ରଚାର-ପ୍ରସାର କରି ବା ଚାହାନ୍ତି, ତ ନିଜ ଆଖପାଖର ବାତାବରଣକୁ ମଧ ମଧୁର ରଖିବା ଆବଶ୍ୟକ । ଏପରି କରିବା ଦ୍ୱାରା ଯିଏ ବି ନିକଟକୁ ଆସେ, ସେ ନିଜର କଟୁତା ଓ ଦୁର୍ଗୁଣଗୁଡ଼ିକୁ ତ୍ୟାଗ କରିବା ପାଇଁ ବିବଶ ହୋଇଯାଏ ତଥା ତା' ନିଜ ଜୀବନରେ ବି ମଧୁରତାର ସଂଚାର ହୋଇଥାଏ ।

ମଧୁବିଦ୍ୟାର ସୂକ୍ତ ମନ୍ତ୍ରଗୁଡ଼ିକର ସାରାଂଶ ହେଲା- ମନୁଷ୍ୟ ପ୍ରକୃତି ଠାରୁ ମଧୁର ବ୍ୟବହାର, ଲୋକକଲ୍ୟାଣ ଓ ସୌମ୍ୟତାର ଶିକ୍ଷା ଏବଂ ପ୍ରେରଣା ଗ୍ରହଣ କରିବା ଉଚିତ । ଆମର ମନ, ବଚନ, କର୍ମ ଓ ବ୍ୟବହାରରେ ମଧୁରତା ରହିବା ଉଚିତ । ବ୍ୟକ୍ତିକୁ ଯେଉଁଠାରୁ ବି, ଯାହାଠାରୁ ବି ମଧୁରତାର ଶିକ୍ଷା ମିଳେ, ତାହାକୁ ଗ୍ରହଣ କରି ପରିବାର, ସମାଜ ଓ ରାଷ୍ଟ୍ରରେ ମଧୁରତାର ପ୍ରସାର ଅବଶ୍ୟ କରିବା ଉଚିତ ।

ଯଦି ବ୍ୟକ୍ତି ମଧୁର ବ୍ୟବହାରରେ ଯୁକ୍ତ ହୋଇଥିବ ତେବେ ତାକୁ ସମାଜରେ ସ୍ନେହ, ଆତ୍ମୀୟତା ସହିତ ଶୌର୍ଯ୍ୟ, ପରାକ୍ରମ, ଓଜତା ଓ ବର୍ଚ୍ଚତ । ଭଳି ଉପଲବ୍ ଗୁଡ଼ିକ ପ୍ରାପ୍ତ ହୋଇ ପାରିବ । ବ୍ୟକ୍ତିତ୍ୱରେ ମଧୁରତାର ଆକର୍ଷଣ ସର୍ବୋପରି । ଏପରି ବ୍ୟକ୍ତି ଯେଉଁଠାରେ ବି ରହନ୍ତି, ସେଠାରେ ନିରନ୍ତର ସଦ୍‌ଭାବନା, ପ୍ରେମ ଓ ସହାନୁଭୂତିର ସଂଚାର ହେବାକୁ ଲାଗେ । ଉକ୍ତ ପ୍ରାଚୀନ ତ ମ ବିଦ୍ୟାର ଆବଶ୍ୟକ । ପ୍ରତ୍ୟେକଙ୍କର ରହିଛି, କିନ୍ତୁ ଯିଏ ପ୍ରକୃତ ଅର୍ଥରେ ମଧୁବିଦ୍ୟାର ଅଧିକାରୀ ହେବାକୁ ଚାହେଁ, ତାହାର ଶୁଭାରମ୍ଭ ହୋଇଥାଏ-ମିଠା ବଚନରୁ ।

ମାନବୀୟ ବ୍ୟବହାରରେ ମଧୁର ଭାଷା, ମିଠା ଶବ୍ଦ- ବଚନଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ମଧୁର ବାଣୀର ପ୍ରଭାବରୁ ବିଗିଡ଼ି ଯାଇଥିବା କାମ ପୂର୍ଣ୍ଣ ହୋଇଥାଏ, ଭାଙ୍ଗିଥିବା ସମ୍ବନ୍ଧ ଯୋଡ଼ି ହୋଇଯାଏ, ରୁଷିଥିବା ଲୋକ ମାନି ଯାଏ । କେତେ ଥର ତ ବଡ଼ ବଡ଼ ସଫଳତା, ଉପଲବ୍‌ଗୁଡ଼ିକ ପଛରେ ମଧୁର ବାଣୀ ଏବଂ ବିନମ୍ର ବ୍ୟବହାରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ । କୁହାଯାଇଛି –

ଐସୀ ବାଣୀ ବୋଲିଏ,
ମନକା ଆପା ଖୋୟ ।
କୋ ଶୀତଳ କରେ,
ଆପହୁ ଶୀତଳ ହୋୟ ।।

ବାଣୀର ମଧୁରତାର ଗୁଣ କେତେ ଲୋକଙ୍କର ଜନ୍ମଜାତ ହୋଇଥାଏ, କିନ୍ତୁ ଏହା ମଧ ସତ୍ୟ ଯେ ଏହା ଅଳ୍ପ ଅଭ୍ୟାସ ଦ୍ୱାରା ଯେକେହି ପ୍ରାପ୍ତ କରିପାରେ । କହିବା ବେଳେ ଉଚିତ ଶବ୍ଦ ଚୟନର ଅଭ୍ୟାସ କରିବା ଦରକାର ଏବଂ ସର୍ବଦା ଆମର ବାଣୀ ଅଥବା ଶବ୍ଦଗୁଡ଼ିକ ଯୋଗୁଁ କାହାକୁ ଯେପରି ଖରାପ ନ ଲାଗିବ, ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ବାଣୀର ମାଧୁର୍ଯ୍ୟ ଓ ଶବ୍ଦଗୁଡ଼ିକର ଗରିମା ଦ୍ୱାରା ଆମର ବ୍ୟବହାର ଉତ୍କୃଷ୍ଟତା ପ୍ରାପ୍ତ କରିଥାଏ । ଚିନ୍ତନର ପ୍ରଖରତା ଓ ଚରିତ୍ରର ପାବନତା ସହିତ ଯଦି ସାର୍ଥକ ରୂପେ ବ୍ୟବହାରର ମଧୁରତା ସଂଯୁକ୍ତ ହୋଇଯାଏ ଆମର ଜୀବନ ଓ ବ୍ୟକ୍ତିତ୍ୱ ସଂପୂର୍ଣ୍ଣତାରେ ବିକଶିତ ହୋଇଉଠେ ।

## ଖରା ପାଇଁ କମଳା ଜୁସ୍

**ଆ**ଇରନ୍, ଭିଟାମିନ୍ ସି ଓ ଅନେକ ପ୍ରକାରର ନ୍ୟୁଟ୍ରିଏଣ୍ଟରେ ଭରା କମଳା ବା କମଳା ଜୁସ୍‌ରେ ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ବି କିଛି ମାତ୍ରାରେ ଥାଏ । ତେଣୁ ଏହାକୁ ଖାଇଲେ ଅଥବା ଏହାର ଜୁସ୍ ପିଇଲେ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କିଡ୍‌ନୀ ଷ୍ଟୋନ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ ବୋଲି ନ୍ୟୁଟ୍ରିସନିଷ୍ଟ କୁହନ୍ତି । ବ୍ଲଡପ୍ରେସର ବ୍ଲଡ ସୁଗାର ତଥା କୋଲେଷ୍ଟ୍ରୋଲ୍‌କୁ ନିୟନ୍ତ୍ରଣରେ ରଖିବା ସଙ୍ଗେ ସଙ୍ଗେ ଏହା ବିଭିନ୍ନ ପ୍ରକାର ଚର୍ମ ରୋଗରୁ ମଧ ମୁକ୍ତି ଦେଇଥାଏ । ବିଶେଷକରି ଖରାଦିନେ ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଶରୀରରେ ଜଳୀୟଅଂଶ ନିୟନ୍ତ୍ରଣରେ ରହିବା ସଙ୍ଗେସଙ୍ଗେ ଶରୀର ଅନେକ ସମୟ ଧରି ହାଇଡ୍ରେଟ୍ ରହିଥାଏ । ତା'ଛଡ଼ା ଅଧିକ ଶାରୀରିକ ପରିଶ୍ରମ ଯୋଗୁ ଦେହରୁ ଝାଳ ବାହାରୁଥିଲେ, ସେ କ୍ଷେତ୍ରରେ କମଳା ଖାଇବା କିମ୍ବା ଏହାର ଜୁସ୍ ପିଇବା ସର୍ବୋତ୍ତମ । ଏହା ଇନ୍‌ଷ୍ଟାଣ୍ଟ ଏନର୍ଜି ଦେଇଥାଏ । ଆଣ୍ଠୁଗଣ୍ଠି ବିନ୍ଧା ଦୂର କରିବା ସଙ୍ଗେସଙ୍ଗେ ତ୍ୱଚାକୁ ଉଜ୍ଜ୍ୱଳ' କରିବା ତଥା କେଶରେ ଚମକ୍ ଆଣିବାରେ ବି ଏହି ଜୁସ୍ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।



## ଟିକିଏ ହସନ୍ତୁ

ମିଳି ରାଜୁକୁ : କହିଲୁ ଦେଖି ଗୁଗଲ ମେଲ୍ ନା ଫିମେଲ୍ ?
ରାଜୁ : ଫିମେଲ୍ ।
ମିଳି : ତୁ କେମିତି ଜାଣିଲୁ ?
ରାଜୁ : କାହିଁକି ନା, ସେଣ୍ଟେନ୍ସ ପୁରା ହେବା ଆଗରୁ ସେ ସଜେସନ୍ ଦେବା ଆରମ୍ଭ କରିଦିଏ ।

× × × ×

ପ୍ରେମିକାର ଫୋନ୍ ରିସିଭ୍ କରି ପ୍ରେମିକ : କୁହ କେତେ ଟଙ୍କାର ରିଚାର୍ଜ କରିବି ?
ପ୍ରେମିକା : ତମେ ମତେ କ'ଣ ଭାବିଛ ?
ମୁଁ କ'ଣ ତୁମକୁ ସବୁବେଳେ ରିଚାର୍ଜ କରିବା ପାଇଁ ଫୋନ କରୁଛି ?
ପ୍ରେମିକ : ସରି.. ସରି.. । କୁହ ତା' ହେଲେ କ'ଣ ପାଇଁ ଫୋନ୍ କରିଛ ?
ପ୍ରେମିକା : ମୋ ପାଇଁ ଦି'ହଳ ଡ୍ରେସ୍ ଆଣିଦେବ ହେଲା ।

× × × ×

ପ୍ରଥମ କୁକୁର ଦ୍ୱିତୀୟ କୁକୁରକୁ : ଜାଣିଛୁ, କାଲି ରାତି ୨ :୩୦ ରେ ଘରେ ପଶିଥିବା ଚୋରକୁ ମୋ ମାଲିକ ଧରି ପକେଇଲେ ।
ଦ୍ୱିତୀୟ କୁକୁର : ତୁ କ'ଣ କରୁଥିଲୁ କି ? ତୁ କ'ଣ ଚୋର ପଶିଥିବାର ଜାଣି ପାରିଲୁନି ?
ପ୍ରଥମ କୁକୁର : ମୁଁ କୁକୁର । ମଣିଷ ନୁହଁ ଯେ, ସାରା ରାତି ମୋବାଇଲ ଦେଖିବି । ମୁଁ ତ ଆରାମରେ ଶୋଇଥିଲି ।



× × × ×

ଝିଅ ଦେଖିବାକୁ ଆସିଥିବା ଯୁବକ, ଯୁବତୀଙ୍କ ସହ ଏକୁଟିଆ କଥା ହେବା ବେଳେ..
ଯୁବତୀ : ମୁଁ କିଛି ଲୁଚାଇବାକୁ ଚାହେଁନା ତେଣୁ ମୁଁ ଜଣେଇ ଦେଉଛି ଯେ, ମୋର ଜଣେ ବୟଫ୍ରେଣ୍ଡ ଥିଲେ ।
ଯୁବକ : କିଛି କଥା ନାହିଁ । ମୁଁ ମୋର ତିନି ଭାଇ ଭିତରେ ସବୁଠୁ ସାନ ।
ଯୁବତୀ : ଏ କଥା କହିବାର ଅର୍ଥ କିଛି ବୁଝି ପାରିଲିନି ।
ଯୁବକ : ମୋ କହିବାର ଅର୍ଥ ହେଉଛି ମୋର ସେକେଣ୍ଡ ହାଣ୍ଡ ଜିନିଷ ବ୍ୟବହାର କରିବାର ଅଭ୍ୟାସ ଅଛି ।

× × × ×

ରାହୁଲ ମଣ୍ଟୁକୁ : ଆରେ ସାଙ୍ଗ ଆଜିକାଲି ଚଲତେ, ଚଲତେ ଯୁହିଁ ରୁକ୍ ଯାତା ହୁଁ ମେଁ, ବୈଠେ ବୈଠେ ଯୁହିଁ ଖୋ ଯାତା ହୁଁ ମେଁ ।
କ୍ୟା ୟହି ପ୍ୟାର ହେଁ, କ୍ୟା ୟହି ପ୍ୟାର ହେଁ ।
ମଣ୍ଟୁ : ନାଇଁରେ ସାଙ୍ଗ ତତେ ପ୍ୟାର ନୁହଁ, କମ୍‌ଜୋରୀ ହେଇଛି ।
ସେଥିପାଇଁ ସକାଳେ ସନ୍ଧ୍ୟାବେଳେ ଗ୍ଲୁକୋଜ୍ ପିଏ ।

× × × × ×

ଥରେ ରାଜୁ ଏକ ଗଧ ଧରି ସ୍କୁଲକୁ ଚାଲି ଆସିଲା ।
**ଏହା ଦେଖି ଶିକ୍ଷକ :** ଇ ଏ କ'ଣ ଗଧଟେ ସ୍କୁଲକୁ କାହିଁକି ଆଣିଛୁ ?
**ରାଜୁ :** ଆପଣ ତ ସବୁବେଳେ କୁହନ୍ତି ଯେ, ଆପଣ ବଡ଼ ବଡ଼ ଗଧକୁ ମଣିଷ କରିଛନ୍ତି ।
ତେଣୁ ଭାବିଲି ଏଇ ଗଧ ଉପରେ ବି ଯଦି ଟିକେ କୃପା କରନ୍ତେ ଇଏ ବି ମଣିଷ ହୋଇ ଯାଆନ୍ତା ।

## ଚେରୀର ଉପକାରିତା

**ସ**ବୁ ଋତୁରେ ମିଳୁଥିବା ଖଟା ମିଠା ଫଳ ଚେରୀ ଖାଇବାକୁ ଯେତିକି ସ୍ୱାଦିଷ୍ଟ, ଦେହ ପାଇଁ ମଧ ସେତିକି ଉପାଦେୟ । ଭିଟାମିନ୍ ସି'ରେ ଭରପୂର ଥିବା ଏହି ଫଳକୁ ସୁପରଫ୍ରୁଟ୍ ମଧ କୁହାଯାଏ । ଏଥିରେ କେତେକ ପୋଷକ ତତ୍ତ୍ୱ ଓ ଆଣ୍ଟି ଏକ୍ସିଡେଣ୍ଟ ରହିଛି ଯାହାକି ସ୍ୱାସ୍ଥ୍ୟ ସହ ତ୍ୱଚାକୁ ଉଜ୍ୱଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଚେରୀର ଗୁଣବତ୍ତା ବାଦାମ ଭଳି । କିନ୍ତୁ ଏହାର ମାତ୍ରା ସବୁବେଳେ ସଠିକ୍ ନେବା ଜରୁରୀ ।ଗୋଟିଏ ବ୍ୟକ୍ତି ଦିନକୁ ୫୦ ରୁ ଶହେ ଗ୍ରାମ ଚେରୀ ଖାଇବା ଉଚିତ ।କିନ୍ତୁ ରୋଗାଗ୍ରସ୍ତ ଥିଲେ ୨୫୦ ଗ୍ରାମ ଚେରୀ ଖାଆନ୍ତୁ । ଏହାକୁ ଶୁଖାଇ କିମ୍ବା ସାଲାଡ୍ କରି ଖାଆନ୍ତୁ ।

ଚେରୀରେ ଭିଟାମିନ୍ ଏ' ରହିଛି ଯାହାକି ରେଟିନାକୁ ସୁସ୍ଥ ରଖିବା ସହ ଦୃଷ୍ଟିଶକ୍ତି ବଢ଼ାଏ । ବିଶେଷତଃ ମୋତିଆବିନ୍ଦୁ ରୋଗୀଙ୍କ ପାଇଁ ଏହା ଉପାଦେୟ । ଏହାକୁ ନିୟମିତ ଖାଇଲେ ଆଖି ସମ୍ବନ୍ଧୀୟ ଯେ କୌଣସି



ସମସ୍ୟାର ସମାଧାନ ହୋଇପାରିବ ।

ଯଦି ମସ୍ତିଷ୍କ ଦୁର୍ବଳ ହୋଇପଡେ ତେବେ ଡାଏଟରେ ଚେରୀ ସାମିଲ କରନ୍ତୁ । ନିୟମିତ ଚେରୀ ଖାଇଲେ ମସ୍ତିଷ୍କ ସୁଦୃଢ଼ ହୋଇପାରିବ । ଏହି ଫଳରେ ଏନ୍ଥୋସାଇନିନ୍ ନାମକ ଲାଲ୍ ରଙ୍ଗର ଏକ ପିଗମେଣ୍ଟ ରହିଛି ଯାହାକି ମସ୍ତିଷ୍କରେ ଆଣ୍ଟି ଏକ୍ସିଡେଣ୍ଟସ୍ ଭଳି କାମ ଦିଏ ।ତେଣୁ ଏହା ମସ୍ତିଷ୍କକୁ ସକ୍ରିୟ ରଖିବା ସହ ଚିନ୍ତାଶକ୍ତିକୁ ଦୃଢ଼ କରେ ।

ଶହେ ଗ୍ରାମ ଚେରୀରେ ମାତ୍ର ୬୩ କ୍ୟାଲୋରୀ ରହିଛି ।ଯେଉଁ କାରଣରୁ ଡାଏଟ୍‌ସିଆନ୍ ଏହି ଫଳ ଖାଇବା ପାଇଁ ପରାମର୍ଶ ଦିଅନ୍ତି ।ଏହା ଖାଇବା ଦ୍ୱାରା ପାଚନ ଶକ୍ତି ସୁଧୁରିବା ସହ ଶରୀରକୁ ଉପଯୁକ୍ତ ଶକ୍ତି ମିଳେ ।

ପ୍ରତିଦିନ ଗୋଟିଏ ଲେଖାଁ ଚେରୀ ଖାଇଲେ ଡାଇବେଟିସ୍ ନିୟନ୍ତ୍ରିତ ରହେ ।ଏଥିରେ ଥିବା ଏନ୍ଥୋସାଇନିନ୍ ନାମକ ରାସାୟନିକ ପଦାର୍ଥ ଶରୀରରେ ଇନସୁଲିନର ମାତ୍ରାକୁ ବଢ଼ାଏ । ଶରୀରରେ ରକ୍ତ ଶର୍କରାର ସ୍ତରକୁ କମ୍ କରିବାରେ ସହାୟକ ।

ବ୍ୟସ୍ତବହୁଳ ଜୀବନରେ ପ୍ରଭାବିତ ହୋଇ ଆଜିକାଲି ଲୋକଙ୍କ ନିଦ ହଜିଗଲାଣି । ପର୍ଯ୍ୟାପ୍ତ ନିଦ ନହେବା କାରଣରୁ ଶାରୀରିକ ଅସୁସ୍ଥତା ସହ ମାନସିକ ଦୁଶ୍ଚିନ୍ତା ବଢ଼ିଯାଏ । ତେଣୁ ସକାଳୁ ଓ ସନ୍ଧ୍ୟା ସମୟରେ ଏକ ଗ୍ଲାସ ଚେରୀ ଜୁସ୍ ନିଶ୍ଚୟ ପିଅନ୍ତୁ । ଚେରୀ ଜୁସ୍ ପିଇଲେ ନିଦ ଭଲ ହେବା ସହ ଦେହ ସୁସ୍ଥ ରହେ ।

ଅଧିକାଂଶ ଲୋକ ହୃଦରୋଗକୁ ନେଇ ପୀଡିତ ଥାଆନ୍ତି । ଚେରୀରେ ପୋଟାସିୟମ, ଜିଙ୍କ୍, ଆଇରନ, ମାଙ୍ଗାନିଜ୍ ଥାଏ ଯାହାକି ହୃତପିଣ୍ଡକୁ ସୁସ୍ଥ ରଖେ । ଏଥିରେ ଥିବା ବିଟା କ୍ୟାରୋଟିନ୍ ହୃଦରୋଗରୁ ରକ୍ଷା କରେ । ଚେରୀରେ ସୋଡିୟମ, କୋଲେଷ୍ଟ୍ରଲର ମାତ୍ରା କମ୍ ହୋଇଯାଏ ।

## ଆପଣ ଜାଣନ୍ତି କି ?

- ସବୁଠାରୁ ଚତୁର ତଥା ବୟୋଜ୍ୟେଷ୍ଠ ମାଈ ହାତୀ ହିଁ ହାତୀ ଗୋଠର ମାର୍ଗ ଦର୍ଶକ ହୋଇଥାଏ ।
- ପୁରୁଷ ହାତୀମାନେ ୧୨ ବର୍ଷର ହୋଇଯିବା ପରେ ନିଜ ଇଚ୍ଛା ଅନୁଯାୟୀ ଗୋଠ ଛାଡି ପଳାଇ ଯାଇ ପାରନ୍ତି । ସମ୍ପୂର୍ଣ୍ଣ ବୁଢ଼ା ନ ହେବା ପର୍ଯ୍ୟନ୍ତ ଏମାନେ ନିଜର ଏକ ସ୍ୱତନ୍ତ୍ର ଗୋଠ କରି ସ୍ୱାଧୀନ ଜୀବନ ବଞ୍ଚନ୍ତି ।
- ହାତୀ ଦୈନିକ ୨ ରୁ ୩ ଘଣ୍ଟା ଶୋଇଥାନ୍ତି । ଅନ୍ୟ ସମୟଗୁଡିକୁ ଏମାନେ କେବଳ ଖାଇବାରେ ବ୍ୟବହାର କରନ୍ତି ।
- ଯୁବା ହାତୀ ସେମାନଙ୍କ ଲମ୍ବା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ତାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ ।
- ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।

## ଖରାରେ ଶରୀରକୁ ଥଣ୍ଡା ରଖେ ପାନମଧୁରୀ

**ପା**ନମଧୁରୀର ବ୍ୟବହାର ସାଧାରଣତଃ ମସଲା କିମ୍ବା ମାଉଥ୍ ଫ୍ରେସନର ଭାବେ କରାଯାଇଥାଏ । ଏହାବ୍ୟତୀତ ପାନମଧୁରୀ ଭୋଜନକୁ ହଜମ କରାଇବା ସହ ପାଚନ ସମ୍ବନ୍ଧୀୟ ସମସ୍ୟାକୁ ମଧ ଦୂର କରିଥାଏ ।ଏଥିରେ ଭିଟାମିନ୍, କ୍ୟାଲସିୟମ୍, ଫାଇବର, ଆଇରିନ୍, ପୋଟାସିୟମ୍, ଜିଙ୍କ୍ ଓ ମ୍ୟାଗନେସିୟମ୍ ପରି ପୋଷକ ତତ୍ତ୍ୱ ଭରି ରହିଛି, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ଶରୀରକୁ ଥଣ୍ଡା ରଖିବା ସହ ପେଟକୁ ସୁସ୍ଥ ରଖିଥାଏ । ଏହାକୁ ନିୟମିତ ଖାଇବା ଦ୍ୱାରା ଅନେକ ସମସ୍ୟା ଦୂର ହୋଇଥାଏ ।

**ଶରୀରକୁ ଥଣ୍ଡା ରଖେ:** ଗରମ ଦିନେ ପାନମଧୁରୀ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିଥାଏ । ଏହାବ୍ୟତୀତ



ପାନମଧୁରୀରେ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ, ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିଥାଏ । ନିୟମିତ ପାନମଧୁରୀ ଖାଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିବା ସହ ରକ୍ତ ସଫା ରହିଥାଏ ।

**ପାଚନ ତନ୍ତ୍ର ସୁସ୍ଥ ରହେ:** ଗରମ ଦିନେ ସାଧାରଣତଃ ପାଚନ ତନ୍ତ୍ରରେ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ । ତେଣୁ ପାନମଧୁରୀ ଖାଇବା ସ୍ୱାସ୍ଥ୍ୟପ୍ରଦ । ଏଥିରେ ଥିବା ଫାଇବର ପାଚନ କ୍ରିୟାକୁ ତୀବ୍ର କରିବା ସହ ପେଟ ସଫା ରଖିଥାଏ ।

**ବଢାଏ ରୋଗ ପ୍ରତିରୋଧକ ଶକ୍ତି:** ପାନମଧୁରୀରେ ପ୍ରଚୁର ମାତ୍ରାରେ ଭିଟାମିନ୍-ସି ଓ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହାବ୍ୟତୀତ ଏଥରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ମଧ ରହିଥାଏ, ଯାହା ସଂକ୍ରମଣ ଓ ଭାଇରସଠାରୁ ଦୂରେଇ ରଖେ ।

**ରକ୍ତଚାପ ନିୟନ୍ତ୍ରିତ କରେ:** ଏଥିରେ ଥିବା ପୋଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରିତ କରେ । ଏହାକୁ ନିୟମିତ ଖାଇବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା କମ୍ ରହେ ।

## ସ୍ୱାସ୍ଥ୍ୟ ଉପଯୋଗୀ ପୋଦିନା ପତ୍ର

**ପୋ**ଦିନାର ଖଟା ମିଠା ଚଟଣୀ ପାଟିକୁ ସୁଆଦିଆ ଲାଗିଥାଏ । ହେଲେ ପୋଦିନା ସ୍ୱାସ୍ଥ୍ୟ ଲାଗି ରାମବାଣ ପରି କାମକରେ । ଏଥିରେ ପ୍ରଚୁର ପରିମାଣର ଭିଟିମିନ୍ ଓ ପୋଷକ ତତ୍ତ୍ୱ ଭରି ରହିଛି । ଏଥିରେ ସୋଡିୟମ୍, ପୋଟାସିୟମ, ଆଇରନ ଓ ଭିଟାମିନ – ସି ଉତ୍ତମ ମାତ୍ରାରେ ରହିଛି । ଏହାକୁ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିବା ସହିତ ଶାରୀରିକ ଦୁର୍ବଳତାକୁ ଦୂର କରିଥାଏ । ଖରାଦିନେ ଗ୍ୟାସ, ବଦହଜମୀ ଓ ବାନ୍ତି ସମସ୍ୟାରୁ ମୁକ୍ତି ପାଇବା ପାଇବା ଲାଗି ପୋଦିନା ଖୁବ୍ ଉପଯୋଗୀ ।



**ଇମ୍ୟୁନିଟି ମଜଭୁତ କରେ :** ପୋଦିନା ଚଟଣୀରେ ଭିଟାମିନ-ସି ପ୍ରଚୁର ମାତ୍ରାରେ ରହିଛି । ଏହାକୁ ସେବନ କରିବା ଦ୍ୱାରା ଇମ୍ୟୁନିଟି ବୁଷ୍ଟ ହୋଇଥାଏ । ଏଥିସହ ପୋଦିନା ବିଭିନ୍ନ ରୋଗରୁ ମଧ ରକ୍ଷା କରିଥାଏ ।

**ଯନ୍ତ୍ରଣାରୁ ମୁକ୍ତି ଦିଏ :** ଅସହ୍ୟ ଗରମ ଯୋଗୁଁ ଯଦି ଶରୀରରେ କୌଣସି ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଡାଏଟରେ ପୋଦିନା ସାମିଲ କରନ୍ତୁ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, ଶରୀର ଦୁର୍ବଳତା ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ । ପୋଦିନାରେ ଥିବା ଆଇରନ ଶରୀରକୁ ବହୁ ରୋଗରୁ ମୁକ୍ତି ଦେଇଥାଏ ।

**ପାଚନ ତନ୍ତ୍ର ଉତ୍ତମ ରହେ :** ପୋଦିନା ଚଟଣୀ ଖାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଏଥିରେ ଥିବା ଫାଇଟ୍ରୋନ୍ୟୁଟ୍ରିଆଣ୍ଟସ ଓ ଆଣ୍ଟିଅକ୍ସିଡାଣ୍ଟସ ପାଚନ ଶକ୍ତିକୁ ଉତ୍ତମ କରେ । ଏହାକୁ ସେବନ କରିବା ଦ୍ୱାରା ବଦ ହଜମୀ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଏହା ବ୍ୟତୀତ ଏହି ଚଟଣୀ ଖାଇବା ଦ୍ୱାରା ଭୋକ ହୋଇଥାଏ, ଏଥି ସହିତ ବାନ୍ତିରୁ ମୁକ୍ତି ମିଳେ ।

**ଲୁ ମୁକ୍ତ :** ଖରାଦିନେ ବାହାରକୁ ବାହାରିଲେ ଲୁ' ସମସ୍ୟାରୁ ମୁକ୍ତି ଦିଏ । ଏଥି ସହିତ ପୋଦିନା ଚଟଣୀ ଖରାଦିନେ ଖାଇବା ଦ୍ୱାରା ଏହା ଶରୀରକୁ ହେଲଦୀ ରଖିଥାଏ ।

**ହେଲଦୀ ଶରୀର :** ଖରାଦିନେ ପୋଦିନା ଚଟଣୀ ନିୟମିତ ଖାଇବା ଦ୍ୱାରା ଏହା ଶରୀରରେ ଜଳୀୟ ଅଂଶ କମ୍ ହେବାକୁ ଦିଏ ନାହିଁ । ପୋଦିନାରେ ଥିବା ଆଣ୍ଟିଇନ୍‌ଫ୍ଲାମେଟରି ଗୁଣ ଶରୀରକୁ ସୁସ୍ଥ ରଖିବାରେ ସହଯୋଗ କରିଥାଏ । ଏହା ବ୍ୟତୀତ ଏହି ଚଟଣୀ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।

## ଥଣ୍ଡା ପାଣି ପିଇବା କ୍ଷତିକାରକ

ଏକ ସର୍ଭେରୁ ଜଣାପଡିଛି ଯେ, ଥଣ୍ଡା ପାଣି ବେଗସ୍ ଶିରାକୁ ଉତ୍ତେଜିତ କରିଥାଏ । ବେଗସ୍ ଶିରା ଶରୀରର ଆଟୋନୋମିକ୍ ଶିରା ସିଷ୍ଟମର ଏକ ମହତ୍ତ୍ୱ ପୂର୍ଣ୍ଣ ଅଂଶ । ଯାହା ଶରୀରର ପ୍ରତ୍ୟେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ବେଗସ୍ ଶିରା ମାଧମରେ ହୃଦୟର ଗତି କମ୍ ହୋଇଥାଏ । ଥଣ୍ଡା ପାଣି ପିଇବା ଯୋଗୁଁ ଏହି ଶିରା ଉତ୍ତେଜିତ ହୋଇଥାଏ । ଯାହା ଯୋଗୁଁ ହୃଦୟର ଗତି କମ୍ ହୋଇଥାଏ । ଖାଇ ସାରିବା ପରେ ଅଧିକ ଥଣ୍ଡା ପାଣି ପିଇବା ଯୋଗୁଁ ପାଚନକ୍ରିୟା ମଧ ମନ୍ଥର ହୋଇଥାଏ । ଏହି ଯୋଗୁଁ ମେଟାବୋଲିଜିମ୍ ମଧ ପ୍ରଭାବିତ ହେବା ସହିତ ଶରୀର ମଧରେ ଅନାବଶ୍ୟକ ଫ୍ୟାଟ୍ ଜମା ହୋଇଥାଏ । ଫ୍ରିଜର ଅତ୍ୟାଧୁନିକ ଥଣ୍ଡା ପାଣି ପିଇବା ପରିବର୍ତ୍ତେ ମାଠିଆରେ ରଖାଯାଇଥିବା ଥଣ୍ଡା ପାଣିକୁ ପିଇବା ଶରୀର ପ୍ରତି ଲାଭଦାୟକ ହୋଇଥାଏ ।

## କହିପାରିବେ କି ?

(୧) ଡେବ୍ଲ୍ୟୁ ଟେଷ୍ଟରେ ପ୍ରଥମ ସର୍ବକନିଷ୍ଠ ଶତକ କିଏ ହାସଲ କରିଥିଲେ ?
(୨) ରୋହିଙ୍ଗ୍ୟା ମାନେ ପ୍ରକୃତରେ କେଉଁ ଦେଶର ?
(୩) ଗଡ଼ମ୍ୟାନ୍ ରାମ ରହିମ କେଉଁ ଧାର୍ମିକ ସମ୍ପ୍ରଦାୟର ?
(୪) କେଉଁ ଖେଳ ସହିତ ସୁଲତାନ ଅଫ୍ ଜୋହର କପ୍ ଜଡିତ ?
(୫) ବ୍ରେଟ୍ କାଭାନକ୍ ଆମେରିକାରେ କ'ଣ ଥିଲେ ?
(୬) 'ବ୍ରହ୍ମୋସ୍' ମିସାଇଲ କେଉଁ ଦେଶ ଦ୍ୱାରା ବିକଶିତ କରାଯାଇଛି ?
(୭) 'ଜଡ଼ତାର ଅବଧାରଣା' କାହା ଦ୍ୱାରା ବିକଶିତ ହୋଇଥିଲା ?
(୮) 'ଭିଟାମିନ୍ ସି' ଆବିଷ୍କାର କିଏ କରିଥିଲେ ?
(୯) ପବନର ଆର୍ଦ୍ରତା ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଇଥାଏ ?
(୧୦) ଭାରୀ ଜଳର ଉପଯୋଗ ମୁଖ୍ୟତଃ କେଉଁ ଉଦ୍ୟୋଗରେ କରାଯାଇଥାଏ । ?

### JUMBLE WORDS

| | | | |
|---|---|---|---|
| 1) NAAPD | = | 6) MLETHE | = |
| 2) NITUGO | = | 7) NCAELC | = |
| 3) YNHHPE | = | 8) DMUYD | = |
| 4) DTHIC | = | 9) RBETE | = |
| 5) CPYIK | = | 10) NRYEGT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. କଭି କଭି, ୨.ଇଫ୍‌ତିକାର ଅଲ୍ଲୀ ଖାନ୍ ପଟୋଦି, ୩.ଇଣ୍ଟରନ୍ୟାସନାଲ ଲନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ, ୪.ରୋହିତ ଶର୍ମା, ୫.ସନତ୍ ଜୟଶୁରିଆ, ୬.ରାଜାରାଣୀ ମନ୍ଦିର, ୭.ହରେକୃଷ୍ଣ ମହତାବ, ୮.ପୁରୀ ଗଜପତି ମହାରାଜ, ୯.ଶୋରା, ୧୦. କଙ୍ଗନା ରଣାଓ୍ୱତ ।

***Jumble Words*** ର ଉତ୍ତର **:-**

(1) USEFUL (2) ADAGE (3) CAMEO (4) GENIUS (5) HOTTER
(6) HOUND (7) FRUIT (8) AFLOAT (9) VERIFY (10) DRAWN

ସ୍ୱୀକାର



# ରାମଦାସ ପଣ୍ଡାଙ୍କ ଆଉ ଏକ ପ୍ରୟାସ 'ଶେଷ ବନ୍ଧୁ'

ସମ୍ବଲପୁର: ମାନବ ସେବାକୁ ମାଧବ ସେବା ରୂପେ ଗ୍ରହଣ କରିଆସିଥିବା ରାମଦାସ ପଣ୍ଡା ନିଜର କର୍ମମୟ ଜୀବନ ଭିତରେ ଅନେକ ଦୁଃଖୀ ଦରିଦ୍ରଙ୍କ ସେବା କରିବାକୁ ମନସ୍ଥ କରି କିଛି ଲୋକଙ୍କୁ ନେଇ 'ସମ୍ବଳ' ନାମକ ଏକ ଅନୁଷ୍ଠାନ ଗଢ଼ିଥିଲେ । ଗରିବ ଲୋକମାନେ ଶବ ସତ୍କାର କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ତାଙ୍କ ନଜରକୁ ଆସିଲା ପରେ ସେ ଏହାକୁ ପ୍ରାଥମିକତା ଦେଇ ଶବସତ୍କାର ପାଇଁ ଆଗେଇ ଆସିଥିଲେ । ବର୍ତ୍ତମାନ ସୁଦ୍ଧା ସେ ୮୦୦ରୁ ଉର୍ଦ୍ଧ୍ୱ ଶବ ସତ୍କାର କରିସାରିଲେଣି । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ 'ସମ୍ବଳ' ଅନୁଷ୍ଠାନ ମାଧମରେ ଏହି କାର୍ଯ୍ୟକୁ ନିଜର ପେଶା ତଥା ନିଶା ଭାବେ ଆଦରି ନେଇଛନ୍ତି । ଏହାଫଳରେ ଅନେକ ଗରିବ, ଦୁଃଖୀ, ଦରିଦ୍ରଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସୂଚାରୁ ରୂପେ ହୋଇପାରୁଛି । କେଉଁଠି ଯଦି କାହାର ମୃତ୍ୟୁ ହେଲା ଏବଂ ତା'ର ଶତ୍କାର କରିବା ପାଇଁ ଅସୁବିଧା ହେଉଥିବା ଜଣାପଡ଼ିଲା ରାମଦାସ ସଙ୍ଗେ ସଙ୍ଗେ ସେଠାକୁ ଯାଇ ସବୁ ପ୍ରକାର ସହଯୋଗ କରିଥାନ୍ତି । ଏମିତି ଅସହାୟ ଅନାଥ ପରିବାର ମାନଙ୍କ ପାଇଁ ସେ ଏବେ ଦେବଦୂତ ସାଜିଛନ୍ତି ।

ନିଜର ବାକିସବୁ କାମ ଛାଡ଼ି ଦେଇ ପ୍ରଥମେ ସେ ଏପରି ଅସହାୟମାନଙ୍କ ପାଖକୁ ପହଞ୍ଚି ସବୁ ପ୍ରକାରର ଆର୍ଥିକ ହେଉ କି ମାନସିକ ହେଉ ସହଯୋଗ କରୁଛନ୍ତି । ତାଙ୍କର ଏହି ସେବା କାର୍ଯ୍ୟକୁ ଆହୁରି ସୁଦୂର ପ୍ରସାରୀ କରିବା ପାଇଁ ପୁଣି ଏକ ଅନୁଷ୍ଠାନ ଛୋଟ ପ୍ରୟାସ 'ଶେଷ ବନ୍ଧୁ' ନାମରେ ଆରମ୍ଭ କରିଛନ୍ତି । ଏ ନେଇ ଶ୍ରୀ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ପ୍ରକୃତରେ ମାନବ ସେବା ହିଁ ମାଧବ ସେବା ବୋଲି




ଅଭିହିତ କରିବା ସହ ଶବସତ୍କାର କରାଯାଉଥିବା ସମୟରେ ହେଉଥିବା ବିଭିନ୍ନ ପ୍ରକାର ସୁବିଧା, ଅସୁବିଧା ବିଷୟରେ ସୂଚନା ଦେଇଥିଲେ । ଏହି ଅନୁଷ୍ଠାନ ସେବା କାର୍ଯ୍ୟ ପାଇଁ ଆହୁରି ଆଗକୁ ବଢ଼ିବ, ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶବ ସତ୍କାର ପାଇଁ ଯଦି କାହାରି କୌଣସି ପ୍ରକାର ଅସୁବିଧା ହୁଏ ତେବେ ଅନୁଷ୍ଠାନ ତରଫରୁ ସବୁ ପ୍ରକାର ସହଯୋଗ କରାଯିବ । ଶବଗୁଡ଼ିକୁ ସମ୍ମାନର ସହ ବିଧିମତେ ପୂଜାର୍ଚ୍ଚନା ମଧ କରାଯିବ । ଅନୁଷ୍ଠାନ ସହିତ ଯୋଗାଯୋଗ କରିବା ପାଇଁ ତିନୋଟି ମୋବାଇଲ ନମ୍ବର ଦିଆଯାଇଛି । ରାଜଘାଟ ଶ୍ମଶାନରେ ବିଧିମତେ ସବୁ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ଅନୁଷ୍ଠାନ ଲକ୍ଷ୍ୟ ରଖିଛି । ଶବବାହାକ ଗାଡ଼ି ଠାରୁ ଆରମ୍ଭ କରି କାଠ, କିରାସିନି ଆଦି ସବୁ ପ୍ରକାର ସାମଗ୍ରୀ ଯୋଗାଇ ଦିଆଯାଉଛି । ନିଃସନ୍ଦେହ, ନିଃ ସ୍ୱାର୍ଥପର ଭାବେ ଅନୁଷ୍ଠାନର ମୋବାଇଲ- ୮୨୪୯୦୬୨୫୫୧/ ୮୨୪୯୦୫୫୮୧୫/ ୯୯୩୭୯୪୫୩୭୭ ରେ ଯୋଗାଯୋଗ କରିପାରିବେ । ମହାନଗରନିଗମ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦେୟ ବ୍ୟତୀତ ଆଉ କୌଣସି ଦେୟ ଦେବାକୁ ପଡ଼େନାହିଁ । ବର୍ତ୍ତମାନ କେବଳ ମହାନଗର ନିଗମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଥିରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହଯୋଗ କରୁଛନ୍ତି ବୋଲି ଶ୍ରୀ ପଣ୍ଡା କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ସୁବ୍ରତ କୁମାର ପଣ୍ଡା, ବିପିନ ବିହାରୀ ପଣ୍ଡା, ନନ୍ଦକିଶୋର ଅଗ୍ରୱାଲ, ସନ୍ତକ ପଣ୍ଡା, ଅମିତ କୁମାର ସ୍ୱାଇଁ, ବିପ୍ଳବ ଦଣ୍ଡସେନା ଏବଂ ନୀଳକଣ୍ଠ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଆଇଏମ୍‌ରୁ ଏନ୍‌ଆଇଟି ରାଉରକେଲାକୁ ଗଡିଲା ଲକ୍ଷ୍ମୀ ବସ୍

ସମ୍ବଲପୁର : ଆଇଆଇଏମ୍, ସମ୍ବଲପୁର ଠାରୁ ରାଉରକେଲାର ଏନ୍‌ଆଇଟି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି । ଏହି ଭଲ୍‌ଭୋ ଲକ୍ଷ୍ମୀ ବସ୍ ଆଇଆଇଏମ୍ ଓ ଏନ୍‌ଆଇଟି ସହ ଝାରସୁଗୁଡ଼ା ବିମାନବନ୍ଦରକୁ ମଧ ସଂଯୋଗ କରିବ । ଏହି ରୁଟ୍‌ରେ ଦୁଇଟି ବସ୍ ଯାତାୟାତ କରିବ । ସମ୍ବଲପୁର ଆଇଆଇଏମରୁ ଏହି ବସ୍ ସକାଳ ୯ଟାରେ ରାଉରକେଲା ଏନଆଇଟି ଅଭିମୁଖେ ଯାତ୍ରା ଆରମ୍ଭ କରିବ । ବସ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା ବସଷ୍ଟାଣ୍ଡ, ଭିମସାର, ଭିସୁଟ୍, ସମ୍ବଲପୁର, ଭୂଷଣ ଗେଟ୍, ଝାରସୁଗୁଡ଼ା, ଝାରସୁଗୁଡ଼ା ବିମାନବନ୍ଦର, ସୁନ୍ଦରଗଡ଼, ରାଜଗାଙ୍ଗପୁର, କଂସବାହାଲ, ବେଦବ୍ୟାସ, ପାନପୋଷ, ରାଉରକେଲା ବସଷ୍ଟାଣ୍ଡ, ସେକ୍ଟର-୨ ବସଷ୍ଟାଣ୍ଡ ଦେଇ ରାଉରକେଲା ଏନଆଇଟିରେ ଅପରାହ୍ନ ୧ଟା ୨୦ରେ ପହଞ୍ଚିବ । ସେଭଳି ୧ଟା ୪୫ରୁ ବସ୍ ସମ୍ବଲପୁର ଆଇଆଇଏମ୍ ଅଭିମୁଖେ ଯାତ୍ରା ଆରମ୍ଭ କରି ସନ୍ଧ୍ୟା ୬ଟା ୧୦ରେ ପହଞ୍ଚିବ ଆଇଆଇଏମ ସମ୍ବଲପୁରରୁ ଝାରସୁଗୁଡ଼ା ବିମାନବନ୍ଦର ପର୍ଯ୍ୟନ୍ତ ବସ୍ ଭଡ଼ା ୧୬୪ ଟଙ୍କା ରହିଥିବା ବେଳେ ଏନ୍‌ଆଇଟି ରାଉରକେଲାରୁ ଝାରସୁଗୁଡ଼ା ବିମାନବନ୍ଦର ପର୍ଯ୍ୟନ୍ତ ବସ୍ ଭଡ଼ା ୨୬୦ ଟଙ୍କା ରଖାଯାଇଛି । ଜିଲ୍ଲା ପରିଷଦ ସଭାପତି କୁମିଦିନୀ ନାୟକ, ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସଦର ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡା ଓ ସମ୍ବଲପୁର ଆରଟିଓ ରାମଦାସ ଟୁଡ଼ୁ ପତାକା ଦେଖାଇ ବସ୍‌ର ଶୁଭାରମ୍ଭ କରିଥିଲେ ।

ସେହିପରି ରାଉରକେଲାରୁ ଏନଆଇଟି ପରିସରରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଏବଂ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଉକ୍ତ ବସ ଚଳାଚଳର ଶୁଭାରମ୍ଭ କରିଥିଲେ ।

## ସରଣ୍ଡାର ବିଶ୍ୱେଶ୍ୱର ପୀଠରେ ମହାଶିବରାତ୍ରୀ

ବରଗଡ଼: ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ସ୍ଥିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବପୀଠ ବିଶ୍ୱେଶ୍ୱର ମନ୍ଦିରରେ ମହାଶିବରାତ୍ରୀ ଜାଗର ଯାତ୍ରା ପାଳିତ ହୋଇଯାଇଛି । ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗାଜଳରେ ସ୍ନାନ କରାଇ ସମସ୍ତ ନୀତିକାନ୍ତି ପୂଜକ ମୁକ୍ତେଶର ମହାପାତ୍ର ଓ ନିମନ୍ତ୍ରିତ ପୂଜକ ଅବଧୂତ ମହାପାତ୍ର ସମ୍ପନ୍ନ କରିଥିଲେ । ପରେ ଭକ୍ତଙ୍କୁ ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲା ଯାଇଥିଲା । ବିଶ୍ୱେଶ୍ୱର ପୀଠରୁ ବାବା ଚନ୍ଦ୍ରଶେଖର ସରଣ୍ଡା ଗ୍ରାମ ପରିକ୍ରମାରେ ବାହାରିଥିଲେ । ଏକ ଭବ୍ୟ ଶୋଭାଯାତ୍ରାରେ ସୁସଜ୍ଜିତ ଏକ ଗାଡ଼ିରେ ବାବା ଚନ୍ଦ୍ରଶେଖରଙ୍କ ରଥ ଗ୍ରାମ ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ଘେଁସର ବୋଲବମ ଦୁଲଦୁଲି ଘଣ୍ଟବାଦ୍ୟ, ବନାରସ ଅଜୟ କୁମାରଙ୍କ ଅଟୋ ଓ ଘୋଡା ଏବଂ ଗ୍ରାମର ମନ୍ଦିର ପୂଜକଙ୍କ ଘଣ୍ଟ, ଶଙ୍ଖ ହୁଳହୁଳି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା । ସରଣ୍ଡା ବସ୍ତି ଓ ମୂରେଲ ଟିକ୍ରା, ଗୌରପଡା ଆଦି ଅଞ୍ଚଳର ସମସ୍ତେ ନିଜ ନିଜ ଘର ସମ୍ମୁଖରେ ଚନ୍ଦ୍ରଶେଖରଙ୍କୁ ପୂଜାପାଠ ଧୂପ ଆଳତି କରି ବନ୍ଦନା କରିବା ସହ ଦର୍ଶନ କରିଥିଲେ । ପୂଜା ପୁରୋହିତ ପଣ୍ଡିତ ରାକେଶ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ର ଏବଂ ତାଙ୍କ ଧର୍ମପତ୍ନୀ ଅଂଶୁମାଳା ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ମଧ୍ୟାହ୍ନରେ ରେମଣ୍ଡାର ଶ୍ରୀମଦ୍ ଭାଗବତ ସଂକ୍ରାନ୍ତି ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ସନ୍ଧ୍ୟାରେ ଅତାବିରାର ନଟରାଜ କଳା ପରିଷଦ ପକ୍ଷରୁ ନୃତ୍ୟଗୀତ ପରିବେଷଣ ହୋଇଥିଲା । ସେହିପରି ରାତ୍ରୀରେ ଜମୁର୍ଡା କୃଷ୍ଣଗୁରୁ ଭଜନ ମଣ୍ଡଳୀ ଓ ଥୁଆପାଲି କୁଶନପୁରୀ ଗ୍ରାମର ମାଁ ଗ୍ରାମଦେବୀ କୃଷ୍ଣଗୁରୁ କଳା ପରିଷଦର ମହିଳା କୃଷ୍ଣଗୁରୁ ଦଳ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ ।

## ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ପଲିଥିନ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ଝାରସୁଗୁଡା ବନଖଣ୍ଡ ଓ ବେଲପାହାଡ଼ ବନାଞ୍ଚଳ ପକ୍ଷରୁ ଲଖନପୁର ବ୍ଲକର ବଣଭୋଜି ସ୍ଥଳ ରମ୍ଭାଲୁଗା ଠାରେ ଏକ ପଲିଥିନ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ବନ ଅଧିକାରୀ ମନୁ ଅଶୋକ ଭଟ୍ଟ, ବେଲପାହାଡ ବନାଞ୍ଚଳର ରେଞ୍ଜ ଅଧିକାରୀ ଶର୍ମିଳି ନାୟକ, ଜିଲ୍ଲା ପରିଷଦର ଉପସଭାପତି ଅକ୍ଷୟ ସାହୁ, ସୁନାରୀ ସରପଞ୍ଚ ନନ୍ଦିନୀ ସାହୁ, ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେସ ଗ୍ରୁପର ମୁଖ୍ୟ ହମିଦ କୁମାର ମହାପାତ୍ର, ପକ୍ଷୀ ପର୍ଯ୍ୟବେକ୍ଷକ ଆଶିଷ କୁମାର ଶୁକ୍ଳ, ଏମସିଏଲର ଏନଭରମେଣ୍ଟ ଅଫିସର ଚିମ୍ମୁ ଚିଲାମ୍ବରମ ଏବଂ ପ୍ରକୃତି ପ୍ରେମୀ ସୁମନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଡେପୁଟି ରେଞ୍ଜର ପ୍ରଦୀପ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନ ବିଭାଗର ଲିଡର ଦିଲୀପ କୁମାର ପ୍ରଧାନ ତାଙ୍କୁ ସହଯୋଗ କରିଥିଲେ । ରେଞ୍ଜ ଅଫିସର ଶର୍ମିଳି ନାୟକ ଏକ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି ପାଇଁ ଶପଥ ପାଠ କରାଇଥିଲେ । ଏମପିଏଫର ହମିଦ କୁମାର ମହାପାତ୍ର ପ୍ଲାଷ୍ଟିକ ମୁକ୍ତ ଲାଗି ସଚେତନ କରିବାକୁ କହିଥିଲେ । ଯୁବ ପ୍ରକୃତି ପ୍ରେମୀ ଆର୍ଯ୍ୟନ ମହାପାତ୍ର ରମ୍ଭାଲୁଗା ଉପରେ ପ୍ରସ୍ତୁତ ସ୍ଲୋଗାନ ପାଠ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧରେ ଏକ ପ୍ରଶ୍ନ ଏବଂ ଉତ୍ତର କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ପୁରସ୍କାର ବିତରଣ ହୋଇଥିଲା । ସମସ୍ତ ଅତିଥି ରମ୍ଭା ଲୁଗା ଇଡିସିର ସଦସ୍ୟ, ସୁନାରୀ ଏବଂ ବାଗମୁଣ୍ଡା ପ୍ରାଥମିକ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ବିସିପାଲି ଏସଏଚଜି ମହିଳା, ପ୍ରକୃତିପ୍ରେମୀ, ସମସ୍ତ ଜଙ୍ଗଲ କର୍ମଚାରୀ ରମ୍ଭାଲୁଗା ବଣ ଭୋଜି ପରିସର ସଫା କରିଥିଲେ । ଏହି ଅବସରରେ ଫରେଷ୍ଟର ଡୋଳାମଣି ନାୟକ, ସରୋଜ କୁମାର ଭୋଇ, ଡେପୁଟି ଫରେଷ୍ଟ ମ୍ୟାନେଜର ଆଶାରାନୀ ବେହେରା, ଶକ୍ତିମୟ ପୁଷ୍ଟି, ବିକାଶ ଅଧିକାରୀ ଯମୁନା ସିକୋ, ଫରେଷ୍ଟର ସୁରେନ୍ଦ୍ର ଖମାରି ପ୍ରମୁଖ ସହଯୋଗ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## ବ୍ରହ୍ମାକୁମାରୀଙ୍କ ଶିବ ଜୟନ୍ତୀ ମହୋତ୍ସବ

ସମ୍ବଲପୁର: ସମ୍ବଲପୁରର ବ୍ରହ୍ମାକୁମାରୀ ପକ୍ଷରୁ ରାଜଯୋଗିନୀ ପାର୍ବତୀଙ୍କ ଅଧକ୍ଷତାରେ ୮୮ତମ ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଛି । ଦାନୀବନ୍ଧ ସ୍ଥିତ ଶିବ ଦର୍ଶନ ଭବନ ଠାରେ ଅନୁଷ୍ଠିତ ମହୋତ୍ସବରେ ଉତ୍ତରାଞ୍ଚଳ ପୁଲିସ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଆମେ ସମସ୍ତେ ଆଚରଣକୁ ଶୁଦ୍ଧ କରିବା ଆବଶ୍ୟକ' ବୋଲି ମତ ରଖିଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ), କୁଳପତି ପ୍ରଫେସର୍ ଏନ୍ ନାଗରାଜୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ 'ଆମର କର୍ତ୍ତବ୍ୟ ଦିବ୍ୟ ହେଲେ ଆମେ ଶାନ୍ତି ପାଇ ପାରିବା' ବୋଲି କହିଥିଲେ । ସମ୍ବଲପୁରର ଅତିରିକ୍ତ ଡିଆରଏମ୍ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ 'ସବୁବେଳେ ସକାରାତ୍ମକ ଭାବନା ରଖିବା ଉଚିତ' ବୋଲି କହିଥିଲେ । କୁମାରୀ ଆରତୀ ମଞ୍ଚ ପରିଚାଳନା କରିଥିବା ବେଳେ କୁମାରୀ ଦୀପା ଯୋଗାଭ୍ୟାସ କରାଇଥିଲେ । କୁମାରୀ ଫାଲଗୁନି, କୁମାରୀ ହିମାଙ୍ଗି ଓ କୁମାର ବିଘ୍ନେସ ନୃତ୍ୟ ପରିବେଷଣ କରିଥିଲେ ।

## ବେଲପାହାଡ଼ରେ ନୂଆ ବସଷ୍ଟାଣ୍ଡର ଭୂମିପୂଜା

ଝାରସୁଗୁଡ଼ା: ବେଲପାହାଡ଼ରେ ନୂଆ ବସଷ୍ଟାଣ୍ଡ ପାଇଁ ଭୂମି ପୂଜା କରାଯାଇଛି । ବେଲପାହାଡ଼ସ୍ଥିତ ମହିମା ଛକ ନିକଟରେ ୧୪୮ ଏକର ପରିମିତ ଜାଗାରେ ୧୬,୯୦ କୋଟି ଟଙ୍କା ବ୍ୟୟରେ ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ । ଭୂମି ପୂଜନ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଡି, ପୌର ପରିଷଦ ନିର୍ବାହୀ ମଧୁସ୍ମିତା ସିଂହ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଆସନ୍ତା ୧୪ ମାସ ମଧରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରିବ ବୋଲି ସୂଚନା ଦିଆଯାଇଛି । ବ୍ରଜରାଜନଗର ଠାରେ ନିର୍ମିତ ହେବାକୁ ଥିବା ନୂଆ ବସଷ୍ଟାଣ୍ଡ ପାଇଁ ସ୍ଥାନ ନିରୀକ୍ଷଣ କରାଯାଇଛି ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

ସ୍ୱୀକାର
10 - 16 March 2024



## ଗୋଲୁ ସାକୁନିଆ ଜେ.ସି ଆଇ ଝାରସୁଗୁଡା ସିଟି ଶାଖାର ସଭାପତି ହେଲେ




ଝାରସୁଗୁଡ଼ା : ଜେ.ସି.ଆଇର ଝାରସୁଗୁଡ଼ା ସିଟି ଶାଖାର ପ୍ରତିଷ୍ଠାତା ସଭାପତି ରୂପେ ଗୋବିନ୍ଦ ସାକୁନିଆ (ଗୋଲୁ) ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି ।

## ବିନୟ ରଞ୍ଜନ ପ୍ରଧାନଙ୍କ ପରଲୋକ



ସୋନପୁର : ବର୍ଷୀୟାନ ସାମ୍ବାଦିକ ତଥା ସାହିତ୍ୟିକ ବିନୟ ରଞ୍ଜନ ପ୍ରଧାନଙ୍କ ପରଲୋକ ହୋଇଯାଇଛି । ଅସୁସ୍ଥ ହୋଇ ସେ କିଛିଦିନ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇ ଯାଇଥିଲା । ମୃତ୍ୟୁ ସମୟରେ ତାଙ୍କର ଏକମାତ୍ର ବିଧବା କନ୍ୟା ଓ ନାତୁଣୀ ଉପସ୍ଥିତ ଥିଲେ । ସ୍ୱର୍ଗତ ପ୍ରଧାନ ସାପ୍ତାହିକ 'ସ୍ୱୀକାର'ର ସୁବର୍ଣ୍ଣପୁର ଜିଲ୍ଲା ପ୍ରତିନିଧି ରୂପେ ଗତ କିଛି ବର୍ଷ ହେବ କାର୍ଯ୍ୟ କରି ଆସୁଥିଲେ । ଏହାଛଡ଼ା ତାଙ୍କର ସାହିତ୍ୟ କୃତୀ ପାଇଁ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଗୋରେଖନାଥ ସାହୁଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସଂଘର ସଂପାଦକ ବ୍ୟୋମକେଶ ଦାଶ, ଉପସଭାପତି ପର୍ଶୁରାମ ମିଶ୍ର, ନିରଞ୍ଜନ ମିଶ୍ର, ତୀର୍ଥବାସୀ ପଣ୍ଡା, ନବ କୁମାର ମିଶ୍ର, ରବୀନ୍ଦ୍ର ହୋତା, ଶେଷ ଦେବ ବାରିକ, ପବିତ୍ର ବେହେରା, ଧନଞ୍ଜୟ ଆଡଜୁଆଡି, ବେଣୁଧର ପ୍ରଧାନ, ବ୍ରଜମୋହନ ଦାନୀ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra